# ଦୁର୍ଘଟଣାଗ୍ରସ୍ତ ଭ୍ୟାନ୍‌ରୁ ମଦ ଜବତ; ୨ ଗିରଫ

ଆନନ୍ଦପୁର, ୨୦।୩ (ସମିସ): ଅଭିନବ ଉପାୟରେ ପିକଅପ ଭ୍ୟାନରେ ମଦ ଚୋରା ଚାଲାଣ ବେଳେ ମାଡି ବସିଲା ପୁଲିସ। ଏଥିରେ ୧ ହଜାର ଲିଟରରୁ ଅଧିକ ପାଉଚ ମଦ ଜବତ କରିବା ସହିତ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଆନନ୍ଦପୁରରୁ ଆସୁଥିବା ଏହି ପିକଅପ ଭ୍ୟାନ ବେତିରା ଗାଁ ନିକଟରେ ଜଣେ ବାଇକ ଆରୋହୀଙ୍କୁ ଧକ୍କା ଦେଇଥିଲା। ପୁଲିସ ପିକଅପ ଭ୍ୟାନକୁ ଜବତ କରି ଥାନାକୁ ଆଣିବା ପରେ ତା' ଭିତରୁ ପରିବା ଟ୍ରେରେ ଥାକ ଥାକ ହୋଇ ବିପୁଳ ପରିମାଣର ପାଉଚ ମଦ ଲୁଚା ଯାଇଥିବା ଦେଖିବାକୁ ପାଇଥିଲା। ଏପରିକି ଡ୍ରାଇଭରର ସିଟ ତଳେ ମଧ୍ୟ ପେଟି ପେଟି ମଦ ସଜେଇ ହୋଇ ରଖାଯାଇଥିଲା। ଗାଡ଼ିରେ ମୋଟ ୧୦୦୦ ଲିଟର ପାଉଚ ମଦ ଜବତ କରିଥିଲା ପୁଲିସ। ଏହି ଘଟଣାରେ ଗାଡି ଚାଳକ ଅଭିନାଶ ଦାସ, ହେଲ୍ପର ଛତିଶି ବଳକୁ ପୁଲିସ ଗିରଫ କରିଛି। ସେମାନଙ୍କ ଘର ବାଲେଶ୍ୱର ଜିଲ୍ଲା ଖନ୍ତାପଡା ଅଞ୍ଚଳର ବୋଲି ଜଣାଯାଇଛି।

# ଅଦିନିଆ ବର୍ଷାରେ ଭୁଶୁଡ଼ିଲା ସର୍ଭିସ ରାସ୍ତା



କେନ୍ଦୁଝର,୨୦।୩(ସମିସ): ଆଜି ଅପରାହ୍ନରେ ଝଡ଼ତୋଫାନ ଓ ଅଦିନିଆ ବର୍ଷାରେ କେନ୍ଦୁଝର ଏବଂ ପାଟଣା ସଂଯୋଗୀ ରାସ୍ତାର ସଦର ବ୍ଲକ ନେଲୁଙ୍ଗ ପଞ୍ଚାୟତ ଜଡିଖୁଣ୍ଟା ସର୍ଭିସ ରୋଡ ଭୁଶୁଡି ଯାଇଛି। ଫଳରେ ଗାଡ଼ି ଯାତାୟାତ କିଛି ଘଣ୍ଟା ବନ୍ଦ ରହିଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ ହେଉଥିବାବେଳେ ସାଧାରଣ ଯାତାୟାତ ପାଇଁ ଠିକାଦାରଙ୍କ ପକ୍ଷରୁ ସର୍ଭିସ ରୋଡ ନିର୍ମାଣ ହୋଇଥିଲା। ଅଦିନିଆ ବର୍ଷାରେ ତାହା ଭୁଶୁଡି ଯାଇଛି।

# ବାଲିବରେଇ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ହାଟଡ଼ିହୀ, ୨୦।୩(ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ ବାଲିବରେଇ ପ୍ରାଥମିକ ବିଦ୍ୟାଳୟର ୧୪୧ତମ ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି। ବାଲିବରେଇ କ୍ଲଷ୍ଟର ସଂଯୋଜକ ବିଶ୍ୱଜିତ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଢେଙ୍କା ସିଆରସିସି ନିରଞ୍ଜନ ପଣ୍ଡା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମୋହନ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ରାଇଘାଟି ସିଆରସିସି ପଙ୍କଜ କୁମାର ରାଉତ ଯୋଗ ଦେଇଥିଲେ। ଉକ୍ତ ଉତ୍ସବରେ ବିଦ୍ୟାଳୟ ପ୍ରଧାନଶିକ୍ଷକ କୈଳାସଚନ୍ଦ୍ର ପ୍ରଧାନ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷକ ମଧୁସୂଦନ ମାଝୀ, ଅଧକ୍ଷା ବିଶ୍ୱବନ୍ଦିତା ସାମଲ ଓ ବାଲିବରେଇ କ୍ଲଷ୍ଟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

# ଜଅଁରାରେ ଶ୍ରୀରାମଚରିତ ମାନସ ପ୍ରବଚନ



ଆନନ୍ଦପୁର, ୨୦।୩ (ସମିସ): ଆନନ୍ଦପୁର ପୌରପରିଷଦ ୧୩ ନମ୍ବର ୱାର୍ଡ ଜଅଁରାର ଶ୍ରୀଜଳେଶ୍ୱର ମହେଶ ମନ୍ଦିର ପ୍ରାଙ୍ଗଣରେ ପଞ୍ଚବିଂଶତମ ବର୍ଷରେ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଗୁରୁବାର ଚୈତ୍ରମାସ ଶୁକ୍ଳ ପ୍ରତିପଦାରେ ଆରମ୍ଭ ହୋଇଛି। ପ୍ରତ୍ୟେହ ପୂର୍ବାହ୍ନରେ ବ୍ୟାସ ମହାରାଜ ଅମୃତମଣି ପାଣିଗ୍ରାହୀ ରାମଚରିତ ମାନସ ପାରାୟଣ ଗାୟନ କରୁଥିବା ବେଳେ ସନ୍ଧ୍ୟାରେ ଦିବ୍ୟପ୍ରସାଦ ରାମକଥା ପ୍ରବଚନ ଜ୍ଞାନଯଜ୍ଞ ଅନୁଷ୍ଠିତ ହେଉଛି। ଏହା ରାମନବମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ନବଦିନ ଧରି ଏହି ପ୍ରବଚନ କାର୍ଯ୍ୟକ୍ରମକୁ ପ୍ରବାଚିକା ଅନୁପମା ବିଶ୍ୱାଳ ଉଦଘାଟନ କରିଛନ୍ତି। ପ୍ରବଚକ ବିଭୁଧେନ୍ଦୁ ପ୍ରଧାନ, ସନ୍ତୋଷିନୀ ମିଶ୍ର ସାରଦା ପ୍ରସନ୍ନ କର ପ୍ରମୁଖ ରାମକଥା ପ୍ରବଚନ ଦିବ୍ୟଜ୍ଞାନ ବିତରଣ କରିବାର ବ୍ୟବସ୍ଥା ସ୍ଥିର ହୋଇଛି। ଜଅଁରା ଗ୍ରାମ ଜଳେଶ୍ୱର ମନ୍ଦିର କମିଟି ପକ୍ଷରୁ ଆୟୋଜନ କରାଯାଇଛି ଓ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେବାକୁ କମିଟି ପକ୍ଷରୁ ନିବେଦନ ରହିଛି।

# ଦୂଷିତ ଚୁଆ ପାଣିରେ ଶୋଷ ମେଣ୍ଟାଉଛନ୍ତି ୨୦ ପରିବାର







ତେଲକୋଇ, ୨୦।୩(ସମିସ): ଖରା ଯେତିକି ବଢ଼ିବାରେ ଲାଗିଛି ପାଣି ସମସ୍ୟା ମଧ୍ୟ ଲୋକଙ୍କ ଚିନ୍ତା ବଢ଼ାଇବାରେ ଲାଗିଛି। ଏଭଳି ଏକ ଘଟଣା ଦେଖିବା ପାଇଁ ମିଳିଛି କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ପଡାଙ୍ଗ ଗାଁ ପିଟାମୁଣ୍ଡ ସାହିରୁ। ପଡାଙ୍ଗ ଗାଁର ପିଟାମୁଣ୍ଡ ସାହିରେ ୨୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ସାହି ଲୋକେ ଗୋଟିଏ କିଲୋମିଟର ଦୂର ଚାଷଜମିରେ ଥିବା ଏକ ଚୁଆରୁ ଦୂଷିତ ଜଳ ସଂଗ୍ରହ କରି ବ୍ୟବହାର କରିଥାନ୍ତି। ଫଳରେ ବିଭିନ୍ନ ପ୍ରକାରର ରୋଗରେ ପୀଡ଼ିତ ହେଉଥିବା ଅଭିଯୋଗ କରିଛନ୍ତି ସାହିବାସୀ। ପାନୀୟଜଳର ଅନ୍ୟ କୌଣସି ବ୍ୟବସ୍ଥା ନଥିବାରୁ ଖରା ବର୍ଷା ସବୁ ଦିନେ ଚୁଆ ଉପରେ ନିର୍ଭର କରି ଚଳିଥାନ୍ତି। କେବଳ ସେତିକି ନୁହେଁ ସେହି ଚୁଆଟି ଖୋଲାମେଲା ପଡିଥିବାରୁ ସେଥିରୁ ଗାଇଗୋରୁ ପାଣି ପିଇବା ସହ ବୁଲା କୁକୁର ଓ ଅନ୍ୟ ଜୀବଜନ୍ତୁ ମଧ୍ୟ ପାଣି ପିଇଥାନ୍ତି। ଫଳରେ ଚୁଆ ପାଣି ଦୂଷିତ ହୋଇଥାଏ। ଏ ଚୁଆ ପାଣି ମଣିଷ ପାଇଁ କେତେ ସ୍ୱଚ୍ଛ ଆଉ ଉପଯୋଗୀ ସହଜରେ ଅନୁମାନ କରାଯାଇପାରେ। ସାହିରେ ଗୋଟିଏ ନଳକୂପ ରହିଛି ହେଲେ ସେଥିରୁ ଲୌହଯୁକ୍ତ ପାଣି ବାହାରୁଥିବାରୁ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ।
ସରକାର ବିଶୁଦ୍ଧ ପାଣି ଯୋଗାଣ ନେଇ ଡିଣ୍ଡିମ ପିଟୁଥିଲା ବେଳେ ଗ୍ରାମାଞ୍ଚଳ ପରିବାର ପାଣି ପାଇଁ ହାହାକାର ହେଉଛନ୍ତି। ଲୋକେ ପିଇବା ପାଣି ଟିକେ ପାଇଁ ହନ୍ତସନ୍ତ ହେଉଛନ୍ତି। ସରକାର ଲୋକଙ୍କୁ ପାନୀୟଜଳ ଯୋଗାଇ ଦେବାପାଇଁ ପ୍ରଶାସନ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରିଥିବା ବେଳେ

## ରାସ୍ତା ନାହିଁ; ଖଟିଆରେ ରୋଗୀଙ୍କୁ ବୋହୁଛନ୍ତି ୨ କିମି

ଲୋକଙ୍କ ଅଭିଯୋଗ ପରେ ମଧ୍ୟ ସରକାରୀ ଅଧିକାରୀଙ୍କ ଏଥିପ୍ରତି ନିଘା ନଥିବା ଅଭିଯୋଗ ହେଉଛି। ଏଠି ବର୍ଷତମାମ ପାନୀୟଜଳର ସମସ୍ୟା ଲାଗିରହିଛି। ପିଟାମୁଣ୍ଡ ସାହିର ୨୦ ପରିବାର ପ୍ରାୟ ୪୦ ବର୍ଷ ହେବ ସେହି ସ୍ଥାନରେ ବସତି ସ୍ଥାପନ କରି ରହି ଆସୁଛନ୍ତି। ପଡାଙ୍ଗ ଗାଁଠାରୁ ମାତ୍ର ଦୁଇ କିଲୋମିଟରର ଦୂରରେ ଥିବା ଏହି ସାହିକୁ ସରକାରୀ ଯୋଜନା ଏକପ୍ରକାର ଅପହଞ୍ଚ ହୋଇ ପଡିଛି କହିଲେ ଅତ୍ୟୁକ୍ତି ହେବନାହିଁ। ପାନୀୟଜଳ ପାଇଁ ସାହିବାସୀ ନେତାଙ୍କଠାରୁ ଆରମ୍ଭ କରି ସରକାରୀ ବାବୁଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ନେହୁରା ହୋଇ ଅଭିଯୋଗ କରିଥିଲେ ମଧ୍ୟ ସେମାନଙ୍କ କଥାକୁ କେହି ଶୁଣି ନଥିବା ସାହି ଲୋକେ ଅଭିଯୋଗ କରିଛନ୍ତି। କେତେ ନିର୍ବାଚନ ଆଉ ନେତାଙ୍କ କେତେ ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ବର୍ଷା ହେଉ କି ଖରା ହେଉ ଚାଷଜମିରେ ଖୋଳାଯାଇଥିବା ସେଇ ଆଇମା' ଅମଳର ଚୁଆ ହିଁ ସେମାନଙ୍କର ଏକମାତ୍ର ଭରସା ପାଲଟିଛି।
ଖାଲି ସେତିକି ନୁହେଁ; ସାହିକୁ ସବୁଦିନିଆ ରାସ୍ତା ଖଣ୍ଡେ ନଥିବାରୁ ଆମ୍ବୁଲାନ୍ସ ମଧ୍ୟ ଯାଇପାରୁ ନାହିଁ। ଲୋକେ ଗୁରୁତର ରୋଗୀ ଓ ଗର୍ଭବତୀ ମହିଳାଙ୍କୁ ଖଟିଆ କିମ୍ବା ଭାରରେ ଦୁଇ କିଲୋମିଟରର ବୋହି ମୁଖ୍ୟରାସ୍ତା ପର୍ଯ୍ୟନ୍ତ ଆଣିବା ପରେ ମେଡ଼ିକାଲ ନେଇଥାନ୍ତି। ଏ ସମ୍ପର୍କରେ ତେଲକୋଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ, ଯଦି ପାନୀୟଜଳ ସମସ୍ୟା ରହିଛି, ବର୍ତ୍ତମାନ ପାଇଁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବା ପାଇଁ ଚେଷ୍ଟା କରିବୁ। ପରବର୍ତ୍ତୀ ସମୟରେ ବସୁଧା ଯୋଜନାରୁ ପାଇପ କଲେକ୍ସନ କରି ଜଳଯୋଗାଣ କରାଯିବ।

# ଅବସରପ୍ରାପ୍ତ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଙ୍ଘର ବୈଠକ



କେନ୍ଦୁଝର, ୨୦।୩(ସମିସ): କେନ୍ଦୁଝର ଜିଲ୍ଲା ଅବସରପ୍ରାପ୍ତ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘର ଏକ ବୈଠକ ସଭାପତି ସଞ୍ଜୟ ବସନ୍ତ ଚକ୍ରଙ୍କ ଅଧକ୍ଷତାରେ ଶିକ୍ଷକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସଭାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ୨୫ ମାର୍ଚ୍ଚ ୨୦୨୫ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ସିଭିଲ ସର୍ଭିସ ପେନସନ ଆକ୍ଟ ଦେଶର ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପେନସନ ଅଧିକାରକୁ କ୍ଷୁଣ୍ଣ କରୁଥିବାରୁ ସମସ୍ତ ଉପସ୍ଥିତ ସଭ୍ୟ ଗଭୀର ଉଦବେଗ ପ୍ରକାଶ କରିଥିଲେ। ଏହାଦ୍ୱାରା ୮ମ ବେତନ କମିଶନ ପେନସନ ଅଭିବୃଦ୍ଧିର ସୁଯୋଗରୁ ୩୧- ୧୨-୨୦୨୫ ପୂର୍ବରୁ ଅବସର ଗ୍ରହଣ କରିଥିବା ସରକାରୀ କର୍ମଚାରୀବୃନ୍ଦ ବଞ୍ଚିତ ହେବେ ବୋଲି ଆଶଙ୍କା ପ୍ରକାଶ କରିଥିଲେ। ଏହାକୁ ସୁରକ୍ଷିତ ରଖିବା ପାଇଁ ସଙ୍ଗଠିତ ଆନ୍ଦୋଳନ ଏକାନ୍ତ ଆବଶ୍ୟକ ବୋଲି ଆଲୋଚନା କରାଯାଇ ମାର୍ଚ୍ଚ ୨୫ ତାରିଖ ଏହି ଆକ୍ଟ ପ୍ରତ୍ୟାହାର ନିମନ୍ତେ ଜିଲ୍ଲାପାଳ କେନ୍ଦୁଝରଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସମସ୍ୟା ସମାଧାନ ନହେଲେ ପରବର୍ତ୍ତୀ ସମୟରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ପ୍ରସ୍ତୁତ ରହିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆଲୋଚନାରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଚିନ୍ତାମଣି ଜେନା, କ୍ଷୀରୋଦ ରାଉତ, ଭିକାରି ଚରଣ ସାହୁ, ନଳିନୀଚନ୍ଦ୍ର ଘଣା, ସୁଶୀଲ ନାୟକ, ଗୌରହରି ଗିରି, ବଳରାମ ରାଉତ, କାଶୀନାଥ ମହାନ୍ତ, ପ୍ରସନ୍ନ ପରିଡ଼ା, ଦିଗମ୍ବର ଗିରି, ଗୋପୀନାଥ ଦାଶ, ନରେନ୍ଦ୍ର ପ୍ରଧାନ, ଦୁର୍ଯୋଧନ ସାହୁ, ନୀଳମଣି ସାମଲ, ପ୍ରଦ୍ୟୁମ୍ନ ନାୟକ, ବୈଲୋଚନ ସାହୁ, ବାଙ୍କବିହାରୀ ମହାନ୍ତ ମତ ପ୍ରଦାନ କରିଥିଲେ।

# ମହୁଲି ମଦ ଜବତ; ୩ ଗିରଫ



ହାଟଡ଼ିହୀ,୨୦।୩(ସମିସ): କେନ୍ଦୁଝର ଅବକାରୀ ଅଧୀକ୍ଷକ ତେଜରାଜ ଯାନୀଙ୍କ ନିର୍ଦ୍ଦେଶକ୍ରମେ ଆନନ୍ଦପୁର ଅବକାରୀ ରେଞ୍ଜ ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ହାଟଡ଼ିହୀ ଅବକାରୀ ଥାନା ଷ୍ଟାଫଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ନନ୍ଦିପଦା ଥାନା ଅନ୍ତର୍ଗତ ଅଁରା, ପୁରୁଣାପାଣି, ଅନ୍ଧାରୀ, ମରୈଗା ଆଦି ଅଞ୍ଚଳରେ ଚଢ଼ଉ କରି ୧୯୦ଲିଟର ଦେଶୀ ରନ୍ଧା ମହୁଲିମଦ ଓ ୨୭୦୦ ଲିଟର ମହୁଲ ପୋଚ ଜବତ କରାଯାଇଛି। ଏଥିସହ ମହୁଲି କାରବାରରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ମଧ୍ୟରେ ଗଣେଶ ହୋ, ଖଣ୍ଡା ହୋ ଓ ଦୀପକ ସାହୁଙ୍କ ନାମରେ ୪ଟି ଅବକାରୀ ମାମଲା ରୁଜୁ କରାଯାଇଛି। ସମସ୍ତଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ଉକ୍ତ ଚଢ଼ଉରେ ହାଟଡ଼ିହୀ ଅବକାରୀ ଥାନା ସହ ଉପନିରୀକ୍ଷକ ସୁଶାନ୍ତ ରାଉତ, କନେଷ୍ଟବଳ ଜଗମୋହନ ବେହେରା, ଆରତି ବେହେରା, ସୁରେଶ ବେହେରା ଓ ଅନ୍ୟ ଷ୍ଟାଫ୍ ସାମିଲ ଥିଲେ।

# ବେଆଇନ କାଠ ଜବତ; ଜଣେ ଗିରଫ

ତୁରୁମୁଙ୍ଗା, ୨୦।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାରଙ୍କ ନିର୍ଦ୍ଦେଶକ୍ରମେ ପାଟଣା ରେଞ୍ଜ ପୋଇପାଣି ବିଟ ଗୋପପୁର ଗ୍ରାମର ରାହାସ ବିହାରୀ ନାୟକଙ୍କ ଘରେ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ବେଆଇନ ଭାବେ ଗଚ୍ଛିତ ରଖାଯାଇଥିବା ଶାଳ ଓ ଶାଗୁଆନ କାଠ ଜବତ କରାଯାଇଛି। ଜବତ କାଠର ଆନୁମାନିକ ମୂଲ୍ୟ ପ୍ରାୟ ଏକ ଲକ୍ଷ ଟଙ୍କା ହେବ।



ଚଢ଼ଉ ସମୟରେ ପାଟଣା ବନପାଳ ନିରଞ୍ଜନ ସେଠୀ, ପୋଇପାଣି ବିଟ୍ ବନରକ୍ଷୀ ରାଜେଶ ଜେନା ସହ ବନ ବିଭାଗର ସ୍କ୍ୱାଡ୍ ସାମିଲ ଥିଲେ। ଜବତ କାଠକୁ ରେଞ୍ଜ କାର୍ଯ୍ୟାଳୟକୁ ଆଣାଯାଇଥିବା ବେଳେ ଏହି ଘଟଣାରେ ଜଡିତ ଗୋପପୁର ଗ୍ରାମର ରାହାସ ବିହାରୀ ନାୟକକୁ ବନ ବିଭାଗ ଗିରଫ କରି ଅଧିକ ତଦନ୍ତ କରୁଛି।

# ସୂର୍ଯ୍ୟ ମହୋତ୍ସବ: ଡ ଅଶୋକ ପୁହାଣଙ୍କୁ ଅମୃତ କଳାକାର ସମ୍ମାନ



ଆନନ୍ଦପୁର, ୨୦।୩ (ସମିସ): ସାମାଜିକ ଓ ସାଂସ୍କୃତିକ ସଂଗଠନ ଅମୃତ କଳାକାର ଦ୍ୱାରା ଜୟଦେବ ଭବନରେ ପ୍ରଥମଥର ପାଇଁ 'ସୂର୍ଯ୍ୟ ମହୋତ୍ସବ' ପାଳିତ ହୋଇଯାଇଛି। ଏହି ଉତ୍ସବରେ ଯୁବ କବି ଡ଼ ଅଶୋକ କୁମାର ପୁହାଣଙ୍କୁ ଅମୃତ କଳାକାର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମକୁ ସ୍ୱାମୀ ଭଗବତାନନ୍ଦ ସରସ୍ୱତୀ ମହାରାଜ ଉଦ୍‌ଘାଟନ କରିଥିଲେ। ବୈଦିକ ବିଶ୍ୱବିଦ୍ୟାଳୟ, ତିରୁଭାନ୍ନାମଲାଇର ଉପକୁଳପତି ପ୍ରଫେସର ଡ଼ା. ହରିହର କାନୁନଗୋ ଅଧକ୍ଷତା କରିଥିଲେ। ଏହି ଅବସରରେ ଅମୃତ କଳାକାରର ସଭାପତି ରାଜକୁମାର ପ୍ରଧାନ ଓ ସମ୍ପାଦକ ରାଜକିଶୋର ଗୋଛାୟତ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରି ସାଂସ୍କୃତିକ ପରମ୍ପରାର ସୁରକ୍ଷା ଓ ପ୍ରଚାର ପାଇଁ ଏପରି କାର୍ଯ୍ୟକ୍ରମର ଆବଶ୍ୟକତା ଉଲ୍ଲେଖ କରିଥିଲେ। ଅମୃତ କଳାକାର ପକ୍ଷରୁ ସମସ୍ତ ଅତିଥିଙ୍କୁ କୃତଜ୍ଞତା ଜଣାଯାଇଥିଲା।

# ଆର୍ଥିକ ଠକେଇ ମାମଲା: ୨ ଗିରଫ





ଆନନ୍ଦପୁର, ୨୦।୩ (ସମିସ): ଆନନ୍ଦପୁର ଏସଡିପିଓ କମଳ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପୁଲିସ ଏକ ଆର୍ଥିକ ଠକେଇ ମାମଲାରେ ଦୁଇ ଜଣଙ୍କୁ ଭଦ୍ରକରୁ ଗିରଫ କରିଛି। ସେମାନେ ହେଲେ ସୁନୀଲ ଜେନା ଓ ପବିତ୍ର ଦାସ। ପୌରାଞ୍ଚଳର ଶାଳପଡ଼ାସ୍ଥିତ ଭାରତ ଫାଇନାନ୍ସିଆଲ୍ ଇନକ୍ଲୁଜନ ଲିମିଟେଡର ମ୍ୟାନେଜର (ଆଭ୍ୟନ୍ତରୀଣ ଅଡିଟ୍) ଦେବାଶିଷ ମହାନ୍ତିଙ୍କ ରିପୋର୍ଟ ଆଧାରରେ ଘସିପୁରା ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଶାଳପଡା ବିଏଫ୍‌ଆଇଏଲ୍ ଶାଖାର ଅଧିକାରୀ ପବିତ୍ର ଦାସ (୨୬) ୨୦୨୪ରେ ନନ୍ଦିପଦା ଥାନା ଅନ୍ତର୍ଗତ ଜାବିନୀପୁରର ଅନ୍ୟ ଜଣେ ଅଭିଯୁକ୍ତ ସୁନୀଲ ଜେନାଙ୍କ ସହ ମିଶି ୨୧,୫୩,୮୭୧ ଟଙ୍କାର ଆର୍ଥିକ ଠକେଇ କରିଥିଲେ। ସେମାନେ ଜାଲ୍ ବ୍ୟବସାୟୀ ଡକ୍ୟୁମେଣ୍ଟ ପ୍ରସ୍ତୁତ କରି ଆଧାର, ପାନ୍ କାର୍ଡ ଏବଂ ସିମ୍ ସଂଗ୍ରହ କରି, ୪୬ ଜଣ ନିରୀହ ବ୍ୟକ୍ତିଙ୍କ ପାଇଁ ଋଣ ମଞ୍ଜୁର କରାଇ ଟଙ୍କା ଆତ୍ମସାତ କରିଥିଲେ। ପୁଲିସ ତଦନ୍ତ କରି ଭଦ୍ରକର ବନ୍ଧଗାଁ ନିବାସୀ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ବିଭିନ୍ନ ସ୍ଥାନରେ ବିଶ୍ୱ ପଖାଳ ଦିବସ







କେନ୍ଦୁଝର, ୨୦।୩(ସମିସ): ଶୁକ୍ରବାର ଧରଣୀଧର ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡକ୍ଟର ଶୁଭସ୍ମିତା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଡକ୍ଟର ସୁମନ୍ତ ନାଏକ ବିଶ୍ୱ ପଖାଳ ଦିବସ ଅବସରରେ ପ୍ରାରମ୍ଭିକ ବାର୍ତ୍ତା ଦେଇଥିଲେ। ସେହିପରି ମୁଖ୍ୟବକ୍ତା ତାରିଣୀ ଠାକୁରାଣୀ ମହାବିଦ୍ୟାଳୟର ପ୍ରାକ୍ତନ ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ଚିତ୍ତରଂଜନ ମିଶ୍ର କହିଥିଲେ ଯେ ଆଜି ଆମେ ଆମ ସଂସ୍କୃତି ଓ ପରମ୍ପରାଠାରୁ ଦୂରେଇ ଆଧୁନିକ ଫାଷ୍ଟଫୁଡ଼କୁ ଅତି ସହଜରେ ଗ୍ରହଣ କରିନେଇଛି। ଯାହା ଆମ ଦୈନନ୍ଦିନ ଜୀବନକୁ ତଥା ସମାଜକୁ ଏକ ରୁଗ୍‌ଣ କରିବାରେ ଲାଗିଛି। ବର୍ତ୍ତମାନର ସମୟ ଆମେ ଆମ ସଂସ୍କୃତି ଓ ପରମ୍ପରାକୁ ଫେରିଯିବାର ବେଳ। ପରେ ପରେ ବିଭାଗର ଅଧ୍ୟାପକଅଧ୍ୟାପିକା ଅକାଲୁ ପୃଷ୍ଟି, ଡକ୍ଟର ଅଜୟ ସାହୁ, ଡକ୍ଟର ଜ୍ୟୋତିକିଶୋର ମହାନ୍ତ, ପ୍ରଜ୍ଞା ପରମିତା ସାହୁ ଏବଂ ବିଭାଗର ଛାତ୍ରୀ ସ୍ନେହାରାଣୀ କର ଓ ମାନସୀ ଦାସ ପ୍ରବନ୍ଧ ପାଠ କରିଥିଲା ବେଳେ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



**ଚମ୍ପୁଆ:** ଓଡ଼ିଶାର ପାରମ୍ପରିକ ଖାଦ୍ୟ ପଖାଳ। ଗରିବ ହେଉ କି ଧନୀ ସମସ୍ତଙ୍କ ପ୍ରିୟ ହେଉଛି ପଖାଳ। ପଖାଳର ଗୁଣବତା ସୁସ୍ଥ ଶରୀର ପାଇଁ ଏକ ମହୋଷଧୀ ଭାବରେ କାର୍ଯ୍ୟକରୁଥିବା ବେଳେ ଓଡ଼ିଆର ଏହା ଏକ ପରିଚୟ ସୃଷ୍ଟି କରିପାରିଛି। ଫଳରେ ମାର୍ଚ୍ଚ ୨୦ ତାରିଖକୁ ପଖାଳ ଦିବସ ଭାବରେ ପାଳନ କରାଯାଉଛି। ଏହି ଦିବସ ପାଳନ ପରିପ୍ରେକ୍ଷୀରେ ସ୍ଥାନୀୟ ଉପଜିଲ୍ଲାପାଳ ବାସଭବନ ପରିସରରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ସଂଗଠନ ପକ୍ଷରୁ ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କ ତତ୍ତ୍ୱାବଧାନରେ ପଖାଳ ଭୋଜନ ଅର୍ପଣ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ମନ୍ଦିରଧର ମହାଳି, ଚମ୍ପୁଆ ବିଡ଼ିଓ ସ୍ମୃତିରଞ୍ଜନ ସାହୁ ଏବଂ ବହୁ ବରିଷ୍ଠ ଅଧିକାରୀ, ବୃଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ସ୍ଥାନୀୟ ଅଧିବାସୀ ସମେତ ବିଭିନ୍ନ ସଂଗଠନର ୩୦୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗ ଦେଇଥିଲେ। ସଂଗଠନ ପକ୍ଷରୁ ସ୍ୱାଦିଷ୍ଟ ଦହି ପଖାଳ ସହ ସ୍ୱାସ୍ଥ୍ୟ ଉପଯୋଗୀ ବ୍ୟଞ୍ଜନ ପରସା ଯାଇଥିଲା।

**ଆନନ୍ଦପୁର:** ପଖାଳ ଖାଇବାର ମଜା ନିଆରା। ପଖାଳ ସହିତ ଦହି ମିଶାଇ, ଆମ୍ବକସିଆ ଅଦା, ଶାଗ ଭଜା, ବଡ଼ିଚୁରା ଓ ଆଳୁ ଭର୍ତ୍ତା ହେଲେ ପଖାଳ ଖାଇବାର ମଜା ବଢିଯାଏ। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପ୍ରେସ କ୍ଲବରେ ଶୁକ୍ରବାର ଧୂମଧାମରେ ପାଳନ ହୋଇଛି ପଖାଳ ଦିବସ। ପଖାଳ ସାଙ୍ଗକୁ ବଡିଚୁରା, ଶାଗ, ଆମ୍ବ ଛେଚା, ଚୁନା ମାଛ ସମେତ ଅନେକ ସୁସ୍ୱାଦୁ ବ୍ୟଞ୍ଜନର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ, ନୀଳମାଧବ ସୁନା ଉପଖଣ୍ଡ ଆରକ୍ଷୀ ଅଧିକାରୀ କମଲକୁମାର ପଣ୍ଡାଙ୍କଠାରୁ ଆରମ୍ଭ କରି ଉପଖଣ୍ଡର ସମସ୍ତ ବିଭାଗର ଅଧିକାରୀ ଏକତ୍ରିତ ହୋଇଥିଲେ। ଆନନ୍ଦପୁର ପ୍ରେସଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଣ୍ଡିତ ଜିତୁ ଦାଶଙ୍କ ସହ ଓଏମସିର ରେଜିଓନାଲ ମ୍ୟାନେଜର ଯୋଗ ଦେଇଥିଲେ।

**ଯୋଡ଼ା:** ପଖାଳ ସାଙ୍ଗକୁ ପାର୍ଶ୍ୱ ବ୍ୟଞ୍ଜନ କଂସାକୁ ଆହୁରି ମନଲୋଭା କରିଥାଏ। ବିଶ୍ୱ ପଖାଳ ଦିବସ ପାଳନ ପରିପ୍ରେକ୍ଷୀରେ ଆଜି ଯୋଡ଼ା ପୌରପାଳିକା କଲ୍ୟାଣ ମଣ୍ଡପଠାରେ ଯୋଡ଼ା ପ୍ରେସ ପକ୍ଷରୁ ପଖାଳ ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦେବେନ୍ଦ୍ରନାଥ ପିଙ୍ଗୁଆ, ଯୋଡ଼ା ଥାନାର ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ ସାମଲ, ସୁଶାନ୍ତ ପ୍ରଧାନ, ଯୋଡ଼ା ଟ୍ରକ ସଙ୍ଘ ସମ୍ପାଦକ ସୁଶାନ୍ତ ବାରିକ, ରୋଟାରି କ୍ଲବ ସମ୍ପାଦକ ପଦ୍ମଲୋଚନ ବେହେରା, ମୁନା ଗୁପ୍ତାଙ୍କ ସହ ଅନ୍ୟ ରୋଟାରୀଆନ, ଅନେକ ବୁଦ୍ଧିଜୀବୀ, ଯୋଡ଼ା ମହିଳାମଣ୍ଡଳୀର ପ୍ରାୟ ୭୦ରୁ ଅଧିକ ମହିଳା, ଯୋଡ଼ା ପ୍ରେସର ସମସ୍ତ ସାମ୍ବାଦିକ ବନ୍ଧୁମାନେ ଉପସ୍ଥିତ ଥିଲେ। ଯୋଡ଼ା ସହରର ପାଖାପାଖି ୨୦୦ ଅଧିକ ଅତିଥି ଏହି ପଖାଳ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



ଡିଏମ୍‌ଏଫ୍ ଆକାଉଣ୍ଟରେ ଠକକତା ଘଟଣା

# ଅନ୍ୟ ଜଣକୁ ଛତିଶଗଡ଼ରୁ ଗିରଫ କଲା ଇଓଡବ୍ଲ୍ୟୁ

ବାରିପଦା, ୨୦।୩(ସମିସ)

ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ) ଟ୍ରଷ୍ଟର ବ୍ୟାଙ୍କ ଆକାଉଣ୍ଟରୁ ୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଠକକୁ ଗିରଫ କରାଯାଇଛି। ଛତିଶଗଡ଼ ରାଜ୍ୟର ମିଶ୍ର ଏଣ୍ଟରପ୍ରାଇଜସ ଓ ମହାକାଳ କନଷ୍ଟ୍ରକ୍ସନର ମାଲିକ ବ୍ରଜେଶ କୁମାର ମିଶ୍ରଙ୍କୁ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଟିମ ଗିରଫ କରିଛି। ସ୍ଥାନୀୟ ପୁଲିସ ସହାୟତାରେ ଇଓଡବ୍ଲ୍ୟୁ ଟିମ ତାଙ୍କୁ ଗିରଫ କରିବା ପରେ ସ୍ଥାନୀୟ କୋର୍ଟରେ ହାଜର କରିଥିଲେ। ଏହାପରେ ତାଙ୍କୁ ଟ୍ରାନଜିଟ ରିମାଣ୍ଡରେ ଭୁବନେଶ୍ୱର ଅଣାଯାଇଛି। ତାଙ୍କୁ ଆଜି ବାଲେଶ୍ୱର ଓପିଆଇଡି କୋର୍ଟରେ ହାଜର କରାଯାଇଥିବା ସୂଚନା ମିଳିଛି। ଉକ୍ତ ଘଟଣାରେ ପୂର୍ବରୁ ପଶ୍ଚିମବଙ୍ଗର ହାୱାଡସ୍ଥ ନଳପୁର ଅଞ୍ଚଳର ଅଜମିର ମଣ୍ଡଳ ଓ ମଧ୍ୟପ୍ରଦେଶ ରାଜ୍ୟରୁ ପୋମେଶ ତମ୍ବାରେଙ୍କୁ ଇଓଡବ୍ଲ୍ୟୁ ଟିମ ଗିରଫ କରିଥିଲା। ବର୍ତ୍ତମାନ ସୁଦ୍ଧା ୩ ଜଣ ଅଭିଯୁକ୍ତ ଉକ୍ତ ଘଟଣାରେ ଗିରଫ ହୋଇଛନ୍ତି।

ସୂଚନା ମୁତାବକ, ମୟୂରଭଞ୍ଜ ଜିଲ୍ଲାର ଡିଆରଡିଏ ଅଧୀନରେ କାର୍ଯ୍ୟରତ ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ) ଟ୍ରଷ୍ଟର ବ୍ୟାଙ୍କ ଆକାଉଣ୍ଟ ବାରିପଦାସ୍ଥ ବ୍ୟାଙ୍କ୍ ଅଫ ଇଣ୍ଡିଆ ଶାଖାରେ ରହିଛି। ଉକ୍ତ ଶାଖାରୁ ଗତ ୨୦୨୪ ଏପ୍ରିଲ ୧୦ ତାରିଖଠାରୁ ୧୮ ତାରିଖ ମଧ୍ୟରେ ରହସ୍ୟଜନକ ଭାବେ ୪ଟି ଚେକରେ ୯ କୋଟି ୫୬ ଲକ୍ଷ ୭୬



ହଜାର ୬୦୦ ଟଙ୍କା ସରକାରୀ ଅନୁଦାନ ଉଠାଣ ହୋଇଥିଲା। ଯାହାକି ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କ ସନ୍ଦେହଘେରକୁ ଆସିଥିଲା। ସନ୍ଦେହ ପ୍ରକାଶ କରି ବ୍ୟାଙ୍କ ଅଫ ଇଣ୍ଡିଆର ତତ୍କାଳୀନ ମୁଖ୍ୟ ପରିଚାଳକ ସୁଜାତା କାନୁନଗୋ ଭଞ୍ଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅଭିଯୋଗକ୍ରମେ ଭଞ୍ଜପୁର ଥାନାରେ ଏକ ମାମଲା ରୁଜୁ କରିଥିଲେ। ଯାହାକୁ ନେଇ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପକ୍ଷରୁ ଏକ ଟିମ ଭୁବନେଶ୍ୱରରୁ ଆସି ବାରିପଦାସ୍ଥ ଭଞ୍ଜପୁର ଥାନାରେ ଉଚ୍ଚସ୍ତରୀୟ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏଥିସହିତ ବାରିପଦା ବ୍ୟାଙ୍କ ଅଫ୍ ଇଣ୍ଡିଆ ମୁଖ୍ୟ ଶାଖାର ଚିଫ ମ୍ୟାନେଜରଙ୍କ ସମେତ ଦୁଇ ଅଧିକାରୀ, ଦୁଇଜଣ କର୍ମଚାରୀ (କ୍ଲର୍କ) ମୋଟ ୫ ଜଣଙ୍କୁ ବଦଳି କରାଯାଇଥିଲା। ଚିଫ୍ ଭିଜିଲାନ୍ସ ଅଫିସରଙ୍କୁ ବ୍ୟାଙ୍କର ତଦନ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ତେବେ ଏହାର ତଦନ୍ତ କରି ଟଙ୍କା ଟ୍ରାନ୍ସଫର ହୋଇଥିବା ଏସ.କେ. ଏଣ୍ଟରପ୍ରାଇଜେସର ବ୍ୟାଙ୍କ ଆକାଉଣ୍ଟର ମାଲିକଙ୍କୁ ଖୋଜି ଅଜମିର ମଣ୍ଡଳଙ୍କୁ ଗିରଫ କରାଯାଇଥିଲା। ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯାଇଥିବା ଟଙ୍କାରୁ ସେ ୪ ଲକ୍ଷ ଟଙ୍କା ଏଟିଏମରେ ବାହାର କରିଥିବାବେଳେ ଅନ୍ୟ ଟଙ୍କାକୁ ୧୫ଟି ବ୍ୟାଙ୍କ ଆକାଉଣ୍ଟକୁ ପଠାଇ ଦେଇଥିଲେ। ଠକ ଗ୍ୟାଙ୍ଗ ଠକେଇ ମାମଲାରେ ସମ୍ପୃକ୍ତ ଥାଇ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼, ମଧ୍ୟପ୍ରଦେଶରେ କାରନାମା ଜାରି ରଖିଥିଲେ। ତେବେ ଅନ୍ୟମାନଙ୍କୁ ଗିରଫ କରିବା ପାଇଁ ତଦନ୍ତ ପ୍ରକ୍ରିୟା ଜାରି ରହିଛି।

## ଚୈତ୍ର ନବରାତ୍ରର ଦ୍ୱିତୀୟ ଦିବସ



ବାରିପଦାର ମା' ଅମ୍ବିକାଙ୍କ ତାରା ବେଶ

## ଶ୍ରୀତମଙ୍କୁ ଭାରତୀୟ ଜନତା ଯୁବମୋର୍ଚ୍ଚା ରାଜ୍ୟ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଦାୟିତ୍ୱ

**ବେତନଟୀ, ୨୦।୩ (ସମିସ):** ଓଡ଼ିଶାରେ ଭାରତୀୟ ଜନତା ଯୁବ ମୋର୍ଚ୍ଚା (ବିଜେୱାଇଏମ)ର ସାଙ୍ଗଠନିକ ଭିତ୍ତିଭୂମିକୁ ଅଧିକ ବ୍ୟାପକ ଓ ସୁଦୃଢ଼ କରିବା ଲକ୍ଷ୍ୟରେ ଶୀର୍ଷ ନେତୃତ୍ୱଙ୍କ ପକ୍ଷରୁ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅଞ୍ଚଳର ଜଣେ ଦକ୍ଷ ସଂଗଠକ ଶ୍ରୀତମ ରାଜ ସାହାଙ୍କୁ ରାଜ୍ୟ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ଗୁରୁଦାୟିତ୍ୱ



ଅର୍ପଣ କରାଯାଇଛି। ଶ୍ରୀ ସାହାଙ୍କ ଏହି ନିଯୁକ୍ତି ପରେ ସ୍ଥାନୀୟ ଅଞ୍ଚଳର କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଏସ୍‌ଟି ମୋର୍ଚ୍ଚା ରାଜ୍ୟ ସଭାପତି କାନ୍ଦ୍ରା ସୋରେନ୍, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା, ମୟୂରଭଞ୍ଜ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦିଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ବିଶ୍ୱ ହିନ୍ଦୁ ପରିଷଦ ସମ୍ମିଳନୀ



**ବଡସାହି, ୨୦।୩(ସମିସ):** ହିନ୍ଦୁ ନବବର୍ଷ ଅବସରରେ ବଡସାହି ବିଶ୍ୱ ହିନ୍ଦୁ ପରିଷଦ ଶାଖା ପକ୍ଷରୁ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂକୀର୍ତ୍ତନ ଦଳ ସହିତ ହିନ୍ଦୁ ଭାଇଭଉଣୀ ହିନ୍ଦୁ ଜାଗରଣର ବାର୍ତ୍ତା ନେଇ ବଜାର ପରିକ୍ରମା କରିବା ସହିତ ବଡସାହି ଦୁର୍ଗାପୂଜା ପୋଖରୀରୁ ଘଟ ଉତ୍ତୋଳନ କରିଥିଲେ। ଏହାକୁ ଶୋଭାଯାତ୍ରାରେ ଅଣାଯାଇ ଏକ ଆଧ୍ୟାତ୍ମିକ ପରିବେଶରେ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ପରେ ବ୍ରାହ୍ମଣମଣ୍ଡଳୀଙ୍କ ଦ୍ୱାରା ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। କର୍ତ୍ତାକର୍ତ୍ତୀ ଭାବେ ପ୍ରଦୀପ କୁମାର ବଳ ଓ ତାଙ୍କ ଧର୍ମପତ୍ନୀ ପ୍ରମୋଦିନୀ ବଳ ଯଜ୍ଞ କାର୍ଯ୍ୟ ସମାପନ କରିଥିଲେ। ଏ ଅବସରରେ ଅନୁଷ୍ଠିତ ହିନ୍ଦୁ ଜାଗରଣ ସଭାରେ ବଡସାହି ଶାଖାର ସଭାପତି ପ୍ରଦୀପ କୁମାର ସଭାପତିତ୍ୱ କରିଥିବା ବେଳେ ଯତୀନ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାନ୍ତ ସତସଙ୍ଗ ପ୍ରମୁଖ ହରିହର ତ୍ରିପାଠୀ, କବି ବିଷ୍ଣୁ ଶତପଥୀ, ଜିଲ୍ଲା ସମ୍ପାଦକ ଦୟାନିଧି ଦାସ, ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ଅଜୟ କୁମାର ପାଲ, ବିଧାନ ସମ୍ପାଦକ ଡଃ ଖଗେଶ୍ୱର ସିଂହ, ଜିଲ୍ଲା ସହ ସମ୍ପାଦକ ସୁଶାନ୍ତ କୁମାର ବାରିକ୍, ବାଦଲ ନାରାୟଣ ଘୋଷ, ଏକଲ ସଭାପତି ରାଜେନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇ ହିନ୍ଦୁ ସମାଜର ସୁରକ୍ଷା, ଧର୍ମ ଜାଗରଣ, ବିଭିନ୍ନ ରାଷ୍ଟ୍ରରେ ହିନ୍ଦୁ ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ସମ୍ପର୍କରେ ନିଜ ନିଜର ଅଭିଭାଷଣ ରଖିଥିଲେ। ଏ ଧର୍ମର ସୁରକ୍ଷା ପାଇଁ ସମସ୍ତ ହିନ୍ଦୁ ଭାଇଭଉଣୀମାନେ କିପରି ଏକଜୁଟ ହୋଇ ପ୍ରଚାର ପ୍ରସାର ମାଧ୍ୟମରେ ସମସ୍ତଙ୍କ ମନରେ ହିନ୍ଦୁ ଜାଗରଣର ବାର୍ତ୍ତା ପହଞ୍ଚାଇବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଭବାନୀ ଶଙ୍କର ସାହୁ, ଦୀପକ ବାରିକ୍, ରାକେଶ ଜେନା, ସନ୍ୟାସୀ ଦାସ, ପତଙ୍ଗ ଦାସ, ସୁଭାଶିଷ ପାତ୍ର, ସତ୍ୟନାରାୟଣ ନାଏକ, ସସ୍ମିତା ମହାନ୍ତି ଓ ଭୂବନ ରଣା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ମୟୂରଭଞ୍ଜ ଶାଖା ବୈଠକ

**ବାରିପଦା, ୨୦।୩(ସମିସ):** ସ୍ଥାନୀୟ ଭଞ୍ଜପୁର ଠାରେ ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ, ମୟୂରଭଞ୍ଜ ଶାଖାର ବୈଠକ ସଭାପତି ମୁକ୍ତେଶ୍ୱର ଜୀଉଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ଓ ଏହି ବୈଠକରେ ମୁଖ୍ୟତଃ ଦୁର୍ନୀତି ମୁକ୍ତ ସମାଜ ଗଠନ ସକାଶେ ଜନସଚେତନତା ସୃଷ୍ଟି କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାର ସିଦ୍ଧାନ୍ତ ନିଆଯାଇଥିଲା ଓ ତତସହିତ ବର୍ତମାନ ପରିସ୍ଥିତିରେ ରୋଷେଇ ଗେସ ବଣ୍ଟନରେ ସ୍ୱଚ୍ଛତା ଆଣିବା ପାଇଁ ଜିଲ୍ଲା କତୃପକ୍ଷଙ୍କ ସହ ତୁରନ୍ତ ଆଲୋଚନା କରିବା ପାଇଁ ସିଦ୍ଧାନ୍ତ ନିଆଗଲା ଓ ବାହାର ରାଜ୍ୟକୁ ଗୋ ଚାଲାଣ କିଭଳି ବନ୍ଦ କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା ଓ ଏହି ବୈଠକରେ ଉପ ସଭାପତି ଦିଲ୍ଲୀପ କୁମାର ଦାସ, ସମ୍ପାଦକ ସୁନୀଲ କୁମାର ହୋତା, ସହ ସମ୍ପାଦକ ସଞ୍ଜୟ କୁମାର ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ରାଧାଗୋବିନ୍ଦ ବେହେରା, ମୁଖ୍ୟ ଉପଦେଷ୍ଟା ବିଭୁତି ଭୂଷଣ ସଦୁଆଳ, ଆଜୀବନ ସଦସ୍ୟ ଦିଲ୍ଲୀପ କୁମାର ପଣ୍ଡା, ଭାନୁପ୍ରତାପ ଭଞ୍ଜଦେଓ, ରାମଚନ୍ଦ୍ର ବିଦ୍ଧାଣି, ଅରୁଣ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ ଓ ଏହି ଅବସରରେ ନୂତନ ସଦସ୍ୟ ଭାବେ ଅବସରପ୍ରାପ୍ତ ପୁଲିସ ଅଧିକାରୀ ରସାନନ୍ଦ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଆଶିଷ କୁମାର ସାହୁ ଓ ସାମାଜିକ କର୍ମୀ ପରେଶ ଚନ୍ଦ୍ର ଧଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ଜିଲ୍ଲାସ୍ତରୀୟ ପଖାଳ ଦିବସ ପାଳିତ

**ବାରିପଦା, ୨୦।୩(ସମିସ):** ମୟୂରଭଞ୍ଜ ଜିଲ୍ଲାରେ ଆଜି ଜିଲ୍ଲାସ୍ତରୀୟ ପଖାଳ ଦିବସ ବେଶ୍ ଉତ୍ସାହ ଓ ଜାକଜମକରେ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ସାମୂହିକ ପଖାଳ ଭୋଜନ ସମ୍ପର୍କିତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଜିଲ୍ଲାପାଳ ହେମକାନ୍ତ ସଏ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପଖାଳ ଭାତ ଓ ପାରମ୍ପରିକ ଓଡ଼ିଆ ଖାଦ୍ୟର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ପ୍ରମୁଖ ସଭାରେ ମଞ୍ଚାସୀନ ଥିଲେ। ଏହି ଅବସରରେ ବକ୍ତାମାନେ କହିଥିଲେ ଯେ, ପଖାଳ ଓଡ଼ିଶାର ପାରମ୍ପରିକ ଖାଦ୍ୟ ହେବା ସହିତ ଗରମ ଋତୁରେ ଶରୀରକୁ ଶୀତଳ ରଖିବାରେ ବିଶେଷ ଉପକାରୀ। ଏହା ଶରୀରକୁ ପାନୀୟ ଓ ପୌଷ୍ଟିକ ଉପାଦାନ ଯୋଗାଇଥାଏ ଏବଂ ଗ୍ରାମୀଣ ଜୀବନଶୈଳୀର ଏକ ଅଂଶ ରୂପେ ପରିଚିତ। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ ପଖାଳ ଓ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ଉପସ୍ଥିତ ଅତିଥି ତଥା ଅନ୍ୟାନ୍ୟ ଅଧିକାରୀମାନେ ଭୋଜନ କରିଥିଲେ ଏହି ପଖାଳର ସ୍ୱାଦ ଗ୍ରହଣ କରି ସ୍ୱଦେଶୀ ଖାଦ୍ୟ ପ୍ରଚାର ପ୍ରସାର ପାଇଁ ଆହ୍ୱାନ କରିଥିଲେ। ଏହାସହ ଜିଲ୍ଲା ପ୍ରଶାସନ ପକ୍ଷରୁ ଏପରି ପାରମ୍ପରିକ ପର୍ବପର୍ବାଣୀ ପାଳନ ମାଧ୍ୟମରେ ଓଡ଼ିଆ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପ୍ରସାର କରିବାକୁ ପ୍ରୟାସ ଜାରି ରହିଛି ବୋଲି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ଦେଇଛନ୍ତି।

## ଶାରୀରିକ ଶିକ୍ଷା ଶିକ୍ଷକଶିକ୍ଷୟିତ୍ରୀଙ୍କ ପୁନଃପ୍ରଶିକ୍ଷଣ ତାଲିମ ଶିବିର ଆରମ୍ଭ



**ବାରିପଦା/ବୈଶିଙ୍ଗା, ୨୦।୩(ସମିସ):** ବେତନଟୀ ବ୍ଲକ ଅନ୍ତର୍ଗତ ରାଇକମାସ୍ଥ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପଞ୍ଚଦିବସୀୟ ପୁନଃ ପ୍ରଶିକ୍ଷଣ ତାଲିମ ଶିବିର ଆରମ୍ଭ ହୋଇଛି। ପ୍ରାକ୍ତନ ପ୍ରଧାନଶିକ୍ଷକ ଅତୁଲ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶିବିରକୁ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଉଦ୍‌ଘାଟନ କରିଛନ୍ତି। ଶାରୀରିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉତ୍ତମ ଶିକ୍ଷା ପ୍ରଦାନ ଦ୍ୱାରା ଏକ ଶୃଙ୍ଖଳିତ ତଥା ସୁସ୍ଥ ସମାଜ ଗଠିତ ହୋଇପାରିବ ବୋଲି କହିଥିଲେ। ବରିଷ୍ଠ ଶିକ୍ଷକ ରାଜକିଶୋର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କାର୍ଯ୍ୟକ୍ରମ ସଂଯୋଜକ ତଥା ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଭାଗୀରଥି ମଲ୍ଲିକ ସ୍ୱାଗତ ସମ୍ଭାଷଣ ପ୍ରଦାନ ସହିତ ତାଲିମ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶୃଙ୍ଖଳିତ ଜୀବନଯାପନ ନିମନ୍ତେ ଶିବିରାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ ତଥା ଜିଲ୍ଲା କ୍ରୀଡ଼ା ଛାତ୍ରବାସ ଅଧିକ୍ଷକ ଅବନୀ ମୋହନ ମହାନ୍ତି, ଫିଜିଓଥେରାପି ସାଧନ କର୍ମୀ ଶୁଭକାନ୍ତ ଦଳେଇ, ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଜିଲ୍ଲା ସାଧାରଣ ସମ୍ପାଦକ କିଶୋର ଆଚାର୍ଯ୍ୟ, ଯୋଗ ମାର୍ଗଦର୍ଶକ ଜ୍ୟୋତି ରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଜାତୀୟ ସ୍ତରୀୟ ଯୋଗାସନ ଛାତ୍ରଛାତ୍ରୀ କ୍ରିଷ୍ଣା ଦାସ, କ୍ରିଷ୍ଣା ନାୟକ, ସଙ୍ଗୀତା ପାଢ଼ୀ ଓ ଶୁଭଲକ୍ଷ୍ମୀ ବେହେରା ଯୋଗାସନ ପ୍ରଦର୍ଶନ ମାଧ୍ୟମରେ ଅତିଥିଙ୍କୁ ସ୍ୱାଗତ କରିଥିଲେ। ମଞ୍ଚାସୀନ ଅତିଥିଙ୍କୁ ବିଦ୍ୟାଳୟ ପକ୍ଷରୁ ଉତ୍ତରୀୟ, ଉପଢୌକନ ଓ ଚାରା ବୃକ୍ଷ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲାରୁ ୧୨୬ ଜଣ ଶାରୀରିକ ଶିକ୍ଷା ଶିକ୍ଷକ ଶିକ୍ଷୟିତ୍ରୀ ଏହି ଶିବିରରେ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିବେ। ପ୍ରଧାନଶିକ୍ଷକ ତଥା ପରିଚାଳନା ସମ୍ପାଦକ ଅଜିତ ଜେନା ଶିବିରର ରୂପରେଖ ଉପସ୍ଥାପନ କରିଥିଲେ। କେନ୍ଦ୍ରୀୟ କାର୍ଯ୍ୟାଳୟର ହରିଶ ରାଉତ, ପଙ୍କଜ ବେହେରା, ପ୍ରଦୀପ ଚୌଧୁରୀ, ନୀଳକଣ୍ଠ ନାୟକ, ବିଦ୍ୟାଳୟର ଶିକ୍ଷକ ହରେକୃଷ୍ଣ ମହାନ୍ତ, ଶୁଭବନ୍ତ ନାୟକ, ତରଣୀକାନ୍ତ ମହାନ୍ତ, ଶୁଭାଶିଷ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ଉତ୍ତମ ଅଭ୍ୟାସ କର୍ମଶାଳା



**ବାରିପଦା, ୨୦।୩(ସମିସ):** ହାଣ୍ଡିକ୍ୟାପ ଇଣ୍ଟରନ୍ୟାସନାଲ (ଏଚଆଇ) ୟୁରୋପୀୟ ୟୁନିୟନ (ଇୟୁ) ସହାୟତାରେ ସାଧନା ଦ୍ୱାରା ପ୍ରଚଳିତ ସମହିତା ପ୍ରକଳ୍ପ ମାଧ୍ୟମରେ ଜିଲ୍ଲାସ୍ତରୀୟ ଦିବ୍ୟାଙ୍ଗ ସଂଗଠନ, ସାଧନାର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଉତ୍ତମ ଅଭ୍ୟାସ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଦିବସରେ ସାଧନାର ସମସ୍ତ କର୍ମକର୍ତ୍ତା, ଦିବ୍ୟାଙ୍ଗ ସଂଗଠନର ପଞ୍ଚାୟତସ୍ତରୀୟ ଓ ଜିଲ୍ଲାସ୍ତରୀୟ ସଦସ୍ୟ, ଆଞ୍ଚଳିକ ଅଣଅନୁଷ୍ଠାନିକ ସଂଗଠନ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ଅଙ୍ଗନବାଡି କର୍ମକର୍ତ୍ତା ଯୋଗ ଦେଇଥିଲେ। ସାଧନାର ପ୍ରକଳ୍ପ ସଂଯୋଜିକା ସ୍ୱର୍ଣ୍ଣଜିତ କୁମାରୀ ମହାପାତ୍ର ଏହି ଦିବସର ପରିଚାଳନା କରିଥିଲେ। ଏହି ଅବସରରେ ଅତିଥି ଭାବେ ବ୍ଲକ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ, ପ୍ରାଣୀ ଚିକିତ୍ସାଳୟର ଅତିରିକ୍ତ ଅଧିକାରୀ ଡା ଦେବବ୍ରତ ଦାସ, ଡିପିଏମ (ଜାତୀୟ ସ୍ୱାସ୍ଥ୍ୟ ମିଶନ)ର ଅଧିକାରୀ ଅନିଲ କୁମାର ମହାନ୍ତି, ଶୂଳିଆପଦା ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ମୁର୍ମୁ ଯୋଗଦାନ କରିଥିଲେ। ସାଧନାର ନିର୍ଦ୍ଦେଶକ ପ୍ରଭାକର ସାହୁ ଉପସ୍ଥିତ ସମସ୍ତ ଅଂଶଗ୍ରହଣକାରୀ ମାନଙ୍କୁ ସମ୍ବୋଧନ କରି ବିଭିନ୍ନ ଦିବ୍ୟାଙ୍ଗ ସଂଗଠନର କିଛି ପ୍ରଭାବଶାଳୀ ବିଷୟ ବା ଉତ୍ତମ ଅଭ୍ୟାସ ଯାହା ଅନ୍ୟମାନଙ୍କ ପାଇଁ ପ୍ରେରଣା ଓ ସାଙ୍ଗଠନିକ ଦକ୍ଷତା ବୃଦ୍ଧିର ଉତ୍ସ ବିଷୟରେ ଲକ୍ଷ୍ୟ ଉପସ୍ଥାପନ କରିଥିଲେ। ଶ୍ରୀ ସାହୁ ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଭାବେ ସମହିତା ପ୍ରକଳ୍ପର କିଛି ଭଲ ଅଭ୍ୟାସ ଯାହା ଅବହେଳିତ ଲୋକ ମାନଙ୍କର ଜୀବନ ପଦ୍ଧତିର ସମସ୍ୟାକୁ ଚିହ୍ନଟ କରିବା ସହ ପ୍ରଭାବଶାଳି ଫଳାଫଳକୁ ଅନ୍ୟ ଜାଗାରେ ପ୍ରସାରଣ କରିବା ଓ ପରିବର୍ତ୍ତନ ପାଇଁ କାର୍ଯ୍ୟାନୁଷ୍ଠାନ ନେବା ବିଷୟରେ ଆଲୋଚନା କରିଥିଲେ। ସମହିତା ପ୍ରକଳ୍ପ କାର୍ଯ୍ୟରତ ୬ ଗୋଟି ଜିଲ୍ଲାରୁ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନ ଜୀବିକା, ପଦ୍ଧତି ରୁ ସଂଗୃହିତ ୩୫ଟି ଭଲ ଅଭ୍ୟାସ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ସମସ୍ତ ଅଂଶଗ୍ରହଣକାରୀ ମାନେ ଏହି ଭଲ ଅଭ୍ୟାସରୁ ଯାହା ଶିଖିଲେ ସେସବୁ ନିଜ ସଂଗଠନରେ କିପରି କାର୍ଯ୍ୟ ରେ ଲଗାଇ ପାରିବେ ସେ ବିଷୟରେ ମତାମତ ରଖିଥିଲେ। ଲିଙ୍ଗ ବିଶେଷଜ୍ଞ ଶୁଭ ଉପାସନା ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍ ଅଫିସ୍‌ରୁ ଏସି ସାମଗ୍ରୀ ଚୋରି

**ମୋରଡ଼ା, ୨୦।୩(ସମିସ):** କିଛିଦିନ ଧରି ଚୋରମାନେ ମୋରଡା ଥାନା ଅଞ୍ଚଳରେ ସକ୍ରିୟ ହୋଇଥିବାବେଳେ ପୁଲିସକୁ ଚ୍ୟାଲେଞ୍ଜ କରି ଚୋରି କରୁଛନ୍ତି। କେତେବେଳେ ଥାନାଠାରୁ ଅଳ୍ପ ଦୂରରେ ଘରେ ପଶି ଲୁଟି ନେଉଛନ୍ତି ତ ଆଉ କେତେବେଳେ ସରକାରୀ କାର୍ଯ୍ୟାଳୟରେ ଚୋରି କରୁଛନ୍ତି। ତେବେ ମୋରଡା ଥାନା ଅଧୀନ ଚିତ୍ରଡାସ୍ଥ ବ୍ଲକ କାର୍ଯ୍ୟାଳୟ ପରିସରରୁ ଏସି ସାମଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ବିଡିଓ ଅଣାକାର ନାୟକଙ୍କ ସୂଚନା ମୁତାବକ ୧୬ ତାରିଖ ସୋମବାର ରାତିରେ ଝଡ଼ ବର୍ଷା ହେବା ଫଳରେ ରାତ୍ରି ଜଗୁଆଳି ସରୋଜ ମହାନ୍ତ ବ୍ଲକ ସମ୍ମୁଖରେ ଥିବା ତାଙ୍କ ଘରକୁ ଯାଇଥିଲେ। ବ୍ଲକ ପରିସର ଅନ୍ଧାର ଥିବାବେଳେ ତାହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ୧୨ଟି ଏସିର ବାହାରେ ଲାଗିଥିବା କପର ତାର ପାଇପ୍‌କୁ କାଟି ନେଇଛନ୍ତି। ଯାହାକୁ ନେଇ ସରୋଜ ଥାନାରେ ଅଭିଯୋଗ କରିଛନ୍ତି। ଚିତ୍ରଡା ଫାଣ୍ଡି ଅଧିକାରୀ ଭୀମସେନ ମଲ୍ଲିକ ତଦନ୍ତ ଆରମ୍ଭ କରିଛନ୍ତି ଓ ସିସିଟିଭି ଫୁଟେଜ ମଗାଯାଇଛି ବୋଲି ପ୍ରକାଶ କହିଛନ୍ତି।

## ସାମ୍ବାଦିକଙ୍କ ବନ୍ଧୁମିଳନ



**ମୋରଡ଼ା, ୨୦।୩(ସମିସ):** ଶୁକ୍ରବାର ମୋରଡା ବ୍ଲକ ଅଧୀନରେ ଥିବା ପୂର୍ତ୍ତ ବିଭାଗ ବଙ୍ଗଳାରେ ମୋରଡା ବ୍ଲକ ସାମ୍ବାଦିକ ସଂଘ, ଚିତ୍ରଡା ଓ ମୋରଡା ପ୍ରେସ କ୍ଲବ ପକ୍ଷରୁ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଛି। ମୋରଡା ପ୍ରେସ କ୍ଲବ ସଭାପତି ଘାସିରାମ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବନ୍ଧୁମିଳନରେ ଅଞ୍ଚଳର ବିକାଶ କାର୍ଯ୍ୟ କିପରି ଦ୍ରୁତଗତିରେ ହେବ, ଲୋକଙ୍କ ସମସ୍ୟା କିପରି ସମାଧାନ ହେଇପାରିବ, ସେ ନେଇ ଆଲୋଚନା ହୋଇଥିଲା। ତେବେ ଗତ ତିନିଦିନ ହେବ ପ୍ରବଳ ବର୍ଷା ସାଙ୍ଗକୁ ପବନ ହେଉଛି। ତେଣୁ କୌଣସି ସ୍ଥାନରେ ଯଦି ଧନଜୀବନ ହାନି ହେବା ସହିତ କୌଣସି କ୍ଷୟକ୍ଷତି ଘଟେ, ତେବେ ସମସ୍ତେ ସମସ୍ତଙ୍କୁ ଅବଗତ କରାଇବା ନେଇ ଆଲୋଚନା ହୋଇଥିଲା। ଉକ୍ତ ବନ୍ଧୁମିଳନରେ ମୋରଡା ବ୍ଲକ ସାମ୍ବାଦିକ ସଂଘ ସଭାପତି ରଣଜିତ ସାହୁ, ବିଶ୍ୱବନ୍ଧନ ବେହେରା, ରବୀନ୍ଦ୍ର ମହାନ୍ତ, ଅବିନାଶ ମହାନ୍ତି, ସୁଧାଂଶୁ ରାଉତ, ସ୍ମାରକ ମାଝୀ, ଦୀପକ କୁମାର ବେହେରା, ତୁଷାର ବେହେରା, ଚିତ୍ତରଞ୍ଜନ ବେହେରା, ଜ୍ଞାନରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଦିଲୁ ଧଳ ଓ ସତ୍ୟବାନ ବେହେରା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

## ଲକ୍ଷ୍ମୀନାରାୟଣ ଠାକୁରଙ୍କ ବାର୍ଷିକ ଉତ୍ସବ ପ୍ରସ୍ତୁତି

**ଖୁଣ୍ଟ, ୨୦।୩(ସମିସ):** ଶୁକୁଳି ବ୍ଲକ ଅନ୍ତର୍ଗତ ସଂସ୍କୃତି ସମ୍ପନ୍ନ ପାଣ୍ଡରଶୀଳ ଗ୍ରାମରେ ଅବସ୍ଥିତ ଅନେକ ଦେବଦେବୀଙ୍କ ମନ୍ଦିର ମଧ୍ୟରୁ ଲକ୍ଷ୍ମୀନାରାୟଣଙ୍କ ମନ୍ଦିର ଅନ୍ୟତମ। ବର୍ଷର ବିଭିନ୍ନ ସମୟରେ ଏହି ଗ୍ରାମରେ ଭକ୍ତି ଭାବାପନ୍ନ ଗ୍ରାମବାସୀଙ୍କ ଦ୍ୱାରା ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। ପୂର୍ବ ବର୍ଷ ଭଳି ଚଳିତ ମାସ ୨୭ ଓ ୨୮ ତାରିଖରେ ଲକ୍ଷ୍ମୀନାରାୟଣଙ୍କ ଦ୍ୱିଦିବସୀୟ ବାର୍ଷିକୋତ୍ସବ ଉପଲକ୍ଷେ ଯଥାବିଧି ପୂଜାର୍ଚ୍ଚନା ସମେତ ରାମନବମୀ ପୂଜା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଆଗେଇ ଚାଲିଛି। ଏଥିସହିତ ୨୯ ତାରିଖରୁ ଏପ୍ରିଲ ୧ ତାରିଖ ଯାଏଁ ଅନୁଷ୍ଠିତ ହେବାକୁ ଥିବା ଚବିଶ ପ୍ରହର ନାମଯଜ୍ଞ ଓ ହରିନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମରେ ଚାକଦର (ବାଙ୍ଗିରିପୋଷି), ରାଇକଳା (କେନ୍ଦୁଝର) ପୁଟକିଶୋଳ, ଚହଲାପଦା ଓ କାଣିମହୁଲି (ବାରିପଦା) ପ୍ରମୁଖ ନିମନ୍ତ୍ରିତ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିବା ପାଇଁ ସ୍ଥିରୀକୃତ ହୋଇଛି।

ବିଶ୍ୱ ପଖାଳ ଦିବସ

# ହୋଟେଲ ଓ ରେଷ୍ଟୁରାଣ୍ଟରେ ମାଟି ପାତ୍ରରେ ପଖାଳ ସହ ୨୦ ତିଅଣ

ବାରିପଦା, ୨୦।୩(ସମିସ)

ଶୁକ୍ରବାର ବିଶ୍ୱ ପଖାଳ ଦିବସ ବାରିପଦାରେ ପାଳିତ ହୋଇଯାଇଛି। ମହାପ୍ରଭୁ ଜଗନ୍ନାଥଙ୍କଠାରୁ ଆରମ୍ଭ କରି ପ୍ରତ୍ୟେକ ଓଡ଼ିଆ ପରିବାରରେ ପଖାଳର ଆଦୃତି ନେଇ କାହାକୁ ଅଛପା ନାହିଁ। ତେବେ ଅଭାବ ଅନଟନର ଓଡ଼ିଆ ପରିବାର ତିଅଣ ଅଭାବରେ ଲୁଣ ଲଙ୍କା ଦେଇ ପଖାଳ ଖାଇ ଜୀବନ ସଂଗ୍ରାମ ଜୀଇଁଥିବାବେଳେ ଏବେ ବଡ଼ବଡ଼ିଆଙ୍କ ରୁଚିପୂର୍ଣ୍ଣ ତରକାରୀ ଓ ଚଟଣି ପଖାଳ କଂସାର ଚତୁଃପାର୍ଶ୍ୱ ସ୍ଥାନ ଦଖଲ କରିଛି। ଓଡ଼ିଆଙ୍କ ପରିଚୟ ପଖାଳକୁ ଦେଶ ବିଦେଶରେ ପ୍ରଚାର ପ୍ରସାର ନିମନ୍ତେ ୨୦୧୧ ମାର୍ଚ୍ଚ ୨୦ ତାରିଖରୁ ବିଶ୍ୱ ପଖାଳ ଦିବସ ପାଳିତ ହୋଇଆସୁଛି।

ଏ ପରିପ୍ରେକ୍ଷୀରେ ବାରିପଦା ସହରର ବିଭିନ୍ନ ହୋଟେଲ, ମଣ୍ଡପ ଓ ରେଷ୍ଟୁରାଣ୍ଟ ପକ୍ଷରୁ ଦିବସ ପାଳନ କରାଯାଇଛି। ପଖାଳ ଦିବସ ପାଳନ ନେଇ ଗ୍ରାହକଙ୍କ ଚାହିଦା ପାଇଁ ବିଶେଷ ବ୍ୟବସ୍ଥା ହୋଇଥିଲା। ଆଜି କୋହଲା ପାଗ ଥିବା ସତ୍ତ୍ୱେ ପଖାଳ ଦିବସରେ ଲୋକେ ବେଶ ଖୁସିର ସହିତ ପଖାଳ ଖାଇଛନ୍ତି। ତେବେ ଚୈତ୍ର ନବରାତ୍ର ପଡ଼ିଥିବାରୁ ଅଧିକାଂଶଙ୍କ ନିରାମିଷ ତିଅଣ ସହ



ପଖାଳ ଖାଇଥିଲେ। ବାରିପଦାର ନମସ୍ତେ ବାରିପଦାରେ ସ୍ୱତନ୍ତ୍ର ଭାବେ ନିଆରା ପଖାଳ ଦିବସର ଆୟୋଜନ କରାଯାଇଥିଲା। ପୁରୁଣା ଥିମ ସହ ପଖାଳକୁ ନେଇ ବିଭିନ୍ନ କବିତା ଆଦିକୁ ସ୍ଥାନ ଦେଇ ରେଷ୍ଟୁରାଣ୍ଟ ପରିଚାଳକ ଦୁଇ ଭାଇ ନିଗମଜ୍ୟୋତି ଓ ଗୁରୁଜ୍ୟୋତି ପାଠି ସୁନ୍ଦର ଭାବେ ଆୟୋଜନ କରିଥିଲେ। ମାଟି ପାତ୍ରରେ ଦହି ମିଶା ଛୁଙ୍କ ପଖାଳ ସାଙ୍ଗକୁ ମାଟି ପାତ୍ରରେ ସାନ ପିଆଜ, କାକୁଡ଼ି, ଲେମ୍ବୁ, କଞ୍ଚା ଲଙ୍କା ବଡ଼ିଚୁରା, ଆଳୁ, ବିଲାତି ଓ ବାଇଗଣ ବିଲାତି ଚଟଣି, ଆମ୍ବ ଚଟଣି, ଭେଣ୍ଡି ଓ ବାରମାସି ନାଡ଼ି ବେସନ ଛୁଙ୍କା, ଛତୁ ପତୁଆ, ଶାଗ, ସବୁଜ ପନିପରିବା ଓ ମାଛଭଜା ଆଦି ବିଭିନ୍ନ ରୁଚିକର ତଥା ଉପାଦେୟ ତିଅଣ ଭରି ରହିଥିଲା। ତତ୍‌ସହିତ ମାଟି ଗ୍ଲାସରେ ଟଙ୍କ ତୋରାଣି ରେଷ୍ଟୁରାଣ୍ଟର ସ୍ୱତନ୍ତ୍ରତା ଥିଲା।

ଚଳିତଥର ଓଡ଼ିଆ ହସ୍ତଶିଳ୍ପ ବିପଣ ମେଳା ଗ୍ରାହକଙ୍କୁ ଆକର୍ଷିତ କରିଥିଲା। ଗ୍ରୀଷ୍ମଋତୁରେ ଆଗାମୀ ୨/୩ମାସ ସାରା ଏଭଳି ବ୍ୟବସ୍ଥା ଜାରି ରହିବ ବୋଲି ରେଷ୍ଟୁରାଣ୍ଟ ପକ୍ଷରୁ କୁହାଯାଇଛି। ଅନେକ ୟୁଟ୍ୟୁବର ଆସି ଫଟୋ ଓ ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡ଼ିଆରେ ପ୍ରଚାର ପ୍ରସାର କରିଥିଲେ। ସେହିପରି ସହରର ଆଲେକ୍ସା, ଲୋଟସ, ଶକ୍ତିକ୍ୟାଫେ ଆଦି ହୋଟେଲ ଓ ରେଷ୍ଟୁରାଣ୍ଟରେ ସ୍ୱତନ୍ତ୍ର ବ୍ୟବସ୍ଥାର ଗ୍ରାହକ ମଜା ନେଇଛନ୍ତି। ତେବେ ଚଳିତ ବର୍ଷ ବଢୁଥିବା ବଜାର ଦରଦାମ ବୃଦ୍ଧି ଓ ରନ୍ଧନ ଗ୍ୟାସ ସଙ୍କଟ ପଖାଳ କଂସାରେ ମହଙ୍ଗା ମାଡ଼ ଦେଖିବାକୁ ମିଳିଛି। ସାଧାରଣ ଲୋକ ପାଇଁ ପଖାଳ କଂସାରେ ସେତେଟା ପ୍ରଭାବ ନ ଥିବାବେଳେ ବଡ଼ବଡ଼ିଆଙ୍କ ପଖାଳ କଂସାରେ ମହଙ୍ଗା ମାଡ଼ ସମସ୍ତେ ହୃଦ୍‌ବୋଧ କରୁଛନ୍ତି। ଚଳିତ ବର୍ଷ ଉଭୟ ଆମିଷ ଓ ନିରାମିଷ ପଖାଳ କଂସା ପୂର୍ବ ବର୍ଷ ଠାରୁ ବୃଦ୍ଧି ପାଇଛି। ବଜାରରେ ସମସ୍ତ ଜିନିଷ ମହଙ୍ଗା ଦର ଥିବାରୁ ଦର ବୃଦ୍ଧି ପାଉଛି ବୋଲି କହିଛନ୍ତି। ଖାଇବା ତେଲଠାରୁ ଆରମ୍ଭ କରି ସମସ୍ତ ରୋଷେଇ ସଉଦା, ରନ୍ଧନ ଗ୍ୟାସ ଓ ଅନ୍ୟାନ୍ୟ ଦରଦାମ ବୃଦ୍ଧି ପାଇଁ ଗ୍ରାହକଙ୍କ ରୁଚି ଅନୁଯାୟୀ ସୁସ୍ୱାଦୁ ଖାଦ୍ୟ ପରିବେଷଣ ପାଇଁ ଦରବୃଦ୍ଧି ଆମକୁ ବାଧ କରିଛି ବୋଲି କହିଛନ୍ତି।

### ଚିକିତ୍ସା ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ ଘଟଣା

# ବିଜେଡି ପକ୍ଷରୁ ପିଆରଏମ୍ ହସ୍‌ପିଟାଲ ସମ୍ମୁଖରେ ବିକ୍ଷୋଭ




**■ କ୍ଷତିପୂରଣ ସହ ଶିଶୁର ଚିକିତ୍ସା ନେଇ ଦାବିପତ୍ର ପ୍ରଦାନ**

ବାରିପଦା, ୨୦।୩(ସମିସ): ପିଆରଏମ୍ ହସ୍‌ପିଟାଲରେ ଚିକିତ୍ସା ଅବହେଳା ଯୋଗୁଁ ପ୍ରସୂତି ମହିଳାଙ୍କ ମୃତ୍ୟୁ ହୋଇଛି। ଯାହାକୁ ନେଇ ବିଜେଡି ପକ୍ଷରୁ ପିଆରଏମ ହସ୍‌ପିଟାଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ସଭାପତି ସୁଦାମ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ଜିଲ୍ଲା ପରିଷଦ ସଦସ୍ୟ ଦୁର୍ଗା ଚରଣ ମାର୍ଣ୍ଡି, ସଦସ୍ୟ ଆନନ୍ଦ ଚରଣ ଟୁଡୁଙ୍କ ଉପସ୍ଥିତିରେ ପ୍ରତିବାଦ ପ୍ରଦର୍ଶନ କରାଯାଇଥିଲା। କ୍ଷତିପୂରଣ ସହ ଶିଶୁର ଚିକିତ୍ସା ନେଇ ବିଜେଡି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି।

କୁଳିଅଣା ଥାନା ଅନ୍ତର୍ଗତ ପୋଖରିଆ ଗ୍ରାମର ଦୁବାଇ ହାଁସଦାଙ୍କ ପତ୍ନୀ ବାଲ୍ମୀ ହାଁସଦାଙ୍କ ପ୍ରସବ ବେଦନା ହେବାରୁ ବୁଧବାର ବାରିପଦାସ୍ଥ ପିଆରଏମ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ପିଲା ଜନ୍ମ ନିମନ୍ତେ ଗୁରୁବାର ଅସ୍ତ୍ରୋପଚାର ହୋଇଥିଲା। କିନ୍ତୁ ଅସ୍ତ୍ରୋପଚାର କରି ଗର୍ଭସ୍ଥ ଶିଶୁକୁ ଜନ୍ମ ସମୟରେ ପ୍ରସୂତି ମହିଳାଙ୍କ ମୃତ୍ୟୁ ହୋଇଥିଲା। ଏହାସହିତ ଜନ୍ମସ୍ଥ ଶିଶୁ ପିଠିରେ କ୍ଷତ ଥିବାବେଳେ ଗୁରୁତ୍ୱର ରହିଛି। ଅପରେସନ ହୋଇ ପ୍ରସବ ସରିବା ପରେ ଘଟଣା ବାବଦରେ ମହିଳାଙ୍କ ପରିବାର ଲୋକେ ଜାଣିବାକୁ ପାଇଥିଲେ। ଅନଭିଜ୍ଞ କନିଷ୍ଠ ଡାକ୍ତର ଜଣକ ନିଶାଗ୍ରସ୍ତ ଅବସ୍ଥାରେ ପ୍ରସବ ଅସ୍ତ୍ରୋପଚାର କରିବାରୁ ମହିଳାଙ୍କ ମୃତ୍ୟୁ ହୋଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏଥିସହିତ ଭୁଲ ଅସ୍ତ୍ରୋପଚାର ଯୋଗୁଁ ଜନ୍ମିତ ଶିଶୁର ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇ ଷ୍ଟିଚ ପଡ଼ିଛି। ଶିଶୁର ଶରୀରରୁ ରକ୍ତପାତ ହୋଇ ଗୁରୁତର ଅବସ୍ଥାରେ ଏସଏନସିୟୁରେ ଚିକିତ୍ସିତ ହେଉଛି। ଯାହାକୁ ନେଇ ହସ୍‌ପିଟାଲ କର୍ତ୍ତୃପକ୍ଷଙ୍କ ସମ୍ପୂର୍ଣ୍ଣ ଭାବେ ଅବହେଳାକୁ ଦାୟୀ କରି ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ, ଚିକିତ୍ସିତ ଶିଶୁର ଆସନ୍ତା ୬ ମାସ ପର୍ଯ୍ୟନ୍ତ ସମସ୍ତ ଚିକିତ୍ସା ବ୍ୟବସ୍ଥା ହସ୍‌ପିଟାଲ କର୍ତ୍ତୃପକ୍ଷ ବହନ କରିବା ଓ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଏ ନେଇ ବିଜେଡିର ପ୍ରତିନିଧି ଦଳ ଦାବିପତ୍ର ସିଡିଏମଓଙ୍କୁ ପ୍ରଦାନ କରିଥିଲେ। ଘଟଣାସ୍ଥଳରେ ବାରିପଦା ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା, ଏସଡିପିଓ ପ୍ରଭାତ ମଲ୍ଲିକ, ବାରିପଦା ତହସିଲଦାର ସପନ କୁମାର ସାହୁ, ପିଆରଏମ ମେଡ଼ିକାଲ କଲେଜ ଅଧୀକ୍ଷକ ଡା. ପ୍ରତିଭା ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା କିଶୋର ଆଚାର୍ଯ୍ୟ, ବାରିପଦା ଟାଉନ ଥାନା ଅଧିକାରୀ କରୁଣାକର ରାଉତ ପ୍ରମୁଖ ପହଞ୍ଚି ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ପ୍ରତିବାଦରୁ ହଟିବେ ନାହିଁ ବୋଲି ବିଜେଡି ପକ୍ଷରୁ କୁହାଯାଇଥିଲା। ଦାବି ବାବଦରେ ଜିଲ୍ଲାପାଳଙ୍କ ସହ ଆଲୋଚନା ପରେ ଦାବି ପୂରଣ ପ୍ରତିଶ୍ରୁତି ଦିଆଯାଇଥିଲା। ବର୍ତ୍ତମାନ ଜିଲ୍ଲା ପ୍ରଶାସନ ପକ୍ଷରୁ ୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବା ସହ ୬ ମାସ ପର୍ଯ୍ୟନ୍ତ ଶିଶୁର ଚିକିତ୍ସା ଖର୍ଚ୍ଚ ବହନ ନେଇ ପ୍ରତିଶ୍ରୁତି ଦେଇଥିଲେ। ୨୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି ବୋଲି ଜିଲ୍ଲାପାଳ ଜଣାଇଛନ୍ତି। ଚିକିତ୍ସା ଅବହେଳା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଆଗାମୀ ସପ୍ତାହକ ମଧ୍ୟରେ ଦାବି ପୂରଣ କରି କ୍ଷତିପୂରଣ ରାଶି ପ୍ରଦାନ ନ ହେଲେ ବିଜେଡି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବିକ୍ଷୋଭରେ ରବୀନ୍ଦ୍ର କର, କରୁଣାକର କର, ପଞ୍ଚାୟତ ସମିତି ସଭ୍ୟ ରାଇସେନ ହେମ୍ବ୍ରମ, ସରପଞ୍ଚ ବାଇଧର କିସ୍କୁ, ସୁନାରାମ ମାର୍ଣ୍ଡି, ପରାଗ ରଞ୍ଜନ ମହାନ୍ତି, ମଣ୍ଟୁ ମହାନ୍ତ, ସୁଜିତ ନାୟକ, ମାଣିକ ହାଁସଦା, ରଜନୀ ମହାନ୍ତ ଓ ଜହରଲାଲ ସିଂ ସମେତ ଅନ୍ୟାନ୍ୟ ପ୍ରମୁଖ ଗ୍ରାମବାସୀ ଓ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କରଞ୍ଜିଆରେ 'ବର୍ଷ ପ୍ରତିପଦା' ଉତ୍ସବ



କରଞ୍ଜିଆ, ୨୦।୩ (ସମିସ): ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଅବସରରେ କରଞ୍ଜିଆ ଶିଶୁ ମନ୍ଦିରରେ 'ବର୍ଷ ପ୍ରତିପଦା' ଉତ୍ସବର ପ୍ରଥମ ଚରଣ କାର୍ଯ୍ୟକ୍ରମ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ଭଦ୍ରକରୁ ଆସିଥିବା ପରିବ୍ରାଜକ ପଦ୍ମଲୋଚନ ସାମଲ ଓ ପରିବ୍ରାଜିକା ଶାନ୍ତିଲତା ଦୀକ୍ଷିତଙ୍କ ଦ୍ୱାରା ଧାର୍ମିକ ପ୍ରବଚନ ଦିଆଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ କରଞ୍ଜିଆର ବିଭିନ୍ନ ନୃତ୍ୟ ଓ ସଙ୍ଗୀତ ଅନୁଷ୍ଠାନ ଚାରୁସ୍ ଏକାଡେମୀ, ନୃତ୍ୟଶ୍ରୀ ଏକାଡେମୀ ଓ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଚାରୁସ୍ ଏକାଡେମୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆମେ ଓଡ଼ିଆ ଭାରି ବଢ଼ିଆ ଓ ମୟୂରଭଞ୍ଜିଆ ସଂସ୍କୃତିକୁ ଆଧାର କରି ପ୍ରସ୍ତୁତ ନୃତ୍ୟ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଶେଷରେ ଚାରୁସ ଏକାଡେମୀ ସଂସ୍ଥାପକ ଦିବ୍ୟରଞ୍ଜନ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଲିଙ୍ଗଗତ ସମାନତା ଓ ସାମାଜିକ ଅନ୍ତର୍ଭୁକ୍ତି କାର୍ଯ୍ୟକାରିତା କର୍ମଶାଳା




ମହୁଲଡିହା, ୨୦।୩(ସମିସ): ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ବ୍ଲକ ପ୍ରଶାସନର ମିଳିତ ଉଦ୍ୟମରେ ଲିଙ୍ଗଗତ ସମାନତା ଓ ସାମାଜିକ ଅନ୍ତର୍ଭୁକ୍ତି କାର୍ଯ୍ୟକାରିତା ସମ୍ପର୍କିତ ବ୍ଲକସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିପର୍ଯ୍ୟୟ ଆଶଙ୍କା ହ୍ରାସ ଓ ମୁଖ୍ୟସ୍ରୋତରେ ସାମିଲ ନିମନ୍ତେ ଲିଙ୍ଗଗତ ସମାନତା ଓ ସାମାଜିକ ଅନ୍ତର୍ଭୁକ୍ତି ଶୀର୍ଷକ ବ୍ଲକସ୍ତରୀୟ କର୍ମଶାଳା ବ୍ଲକ ସଭାଗୃହରେ ଆୟୋଜିତ ହୋଇଛି। ଠାକୁରମୁଣ୍ଡା ବିଡିଓ ସ୍ୱପ୍ନେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ଜିଲ୍ଲା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି ସାଧନ ବ୍ୟକ୍ତି ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ସ୍ଥାନୀୟ ନୋଡାଲ ଏନଜିଓ ଆରଆରଡିଓ ନିର୍ଦ୍ଦେଶକ ମନୋଜ ଜେନା ଯୋଗଦେଇ ଲିଙ୍ଗଗତ ବୈଷମ୍ୟ ଦୂର ଓ ସାମାଜିକ ଅନ୍ତର୍ଭୁକ୍ତି ଉପରେ ଆଲୋଚନା କରିଥିଲେ। ଅନ୍ୟ ସରକାରୀ ଅଧିକାରୀ ଭାବେ ସିଡିପିଓ ପ୍ରେମଲତା ସେଠୀ, ଏବିଡିଓ ଟଙ୍କଧର ମହାନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଶାସନର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଏପିଓ ଧାନ ଚନ୍ଦ୍ର ମହାନ୍ତ ଅତିଥି ପରିଚୟ କରିଥିବାବେଳେ ଜିପିଡିଓ ଯଜ୍ଞପ୍ରଭା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ସମସ୍ତ ବିଭାଗୀୟ ଅଧିକାରୀ, ସରପଞ୍ଚ, ସମିତି ସଭ୍ୟସଭ୍ୟା ଯୋଗ ଦେଇଥିଲେ।

## ମହୁଲଡିହା ସାପ୍ତାହିକ ହାଟ ନିଲାମ

ମହୁଲଡିହା, ୨୦।୩(ସମିସ): ଠାକୁରମୁଣ୍ଡା ବ୍ଲକ ମହୁଲଡିହା ପଞ୍ଚାୟତର ସାପ୍ତାହିକ ହାଟ ପୁଲିସ ଉପସ୍ଥିତିରେ ନିଲାମ ହୋଇଛି। ଏହି ହାଟ ଗତ ୨୦୨୫-୨୬ ଆର୍ଥିକ ବର୍ଷରେ ୧, ୫୬, ୦୦୦ ଟଙ୍କାରେ ନିଲାମ ହୋଇଥିଲା। ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ସରକାରୀ ସ୍ତରରେ ୧୦ ପ୍ରତିଶତ ବଢ଼ି ମୂଳ ୧, ୫୬, ୦୦୦ ଟଙ୍କାରୁ ଡାକ ଆରମ୍ଭ ହୋଇ ୨, ୩୦, ୦୦୧ ଟଙ୍କାରେ ନିଲାମ ହୋଇଛି। ଏହି ନିଲାମ ପ୍ରକ୍ରିୟାରେ ଆଜି ମହୁଲଡିହା ଗ୍ରାମର ମିଳନ ଲୋହାର, ଅଙ୍କିତ କୁମାର ସାହୁ ଓ ରଘୁନାଥ ନାଏକ ଭାଗ ନେଇଥିଲେ। ମହୁଲଡିହା ଗ୍ରାମର ଅଙ୍କିତ ସାହୁ ୨, ୩୦, ୦୦୧ ଟଙ୍କାରେ ହାଟ ନିଲାମ ନେଇଛନ୍ତି। ନିଲାମ ଗ୍ରହିତା ନିଲାମ ଫର୍ଦ୍ଦ ଦୃଢ଼ୀକରଣର ୧୫ ଦିନ ଭିତରେ ପ୍ରଥମ କିସ୍ତି ଟଙ୍କା ପଞ୍ଚାୟତରେ ଦାଖଲ କରିବା ସଙ୍ଗେ ସଙ୍ଗେ ନିଜ ଖର୍ଚ୍ଚରେ ପଞ୍ଚାୟତ ସହ ଚୁକ୍ତି ସ୍ୱାକ୍ଷର କରିବେ। ଆଜିର ନିଲାମ ପ୍ରକ୍ରିୟାରେ ସରପଞ୍ଚ ଚମ୍ପା ଟୁଡୁଙ୍କ ଅଧ୍ୟକ୍ଷତାରେ ନିଲାମ କ୍ଷମତାପ୍ରାପ୍ତ ଅଧିକାରୀ ଯନ୍ତ୍ରୀ ସୁବ୍ରତ କୁମାର ନାଥ, ଏଡିଇଓ ହିମାଂଶୁ ରାଉତ, ମହୁଲଡିହା ଥାନା ପୁଲିସ ଉପସ୍ଥିତିରେ ନିଲାମ ପ୍ରକ୍ରିୟା ଶେଷ ହୋଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ରାଉତ ନିଲାମ ପ୍ରକ୍ରିୟା ଶୃଙ୍ଖଳାରେ ଶେଷ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପଦାର୍ଥ ବିଜ୍ଞାନ ବିଭାଗର ବାର୍ଷିକ ଆଲୋଚନାଚକ୍ର

ବାରିପଦା, ୨୦।୩(ସମିସ): ଭଞ୍ଜପୁରସ୍ଥ ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ବାର୍ଷିକ ଆଲୋଚନାଚକ୍ର ଅଧ୍ୟକ୍ଷ ଡା ପ୍ରବୋଧ କୁମାର ଦେଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ସତ୍ୟବାନ ଗୋଚ୍ଛାୟତ 'ଡାର୍କ ମ୍ୟାଟର ଆଣ୍ଡ ଡ଼ାର୍କ ଏନର୍ଜି' ବିଷୟରେ ବୁଝାଇ କହିଥିଲେ। ଏଥିରେ ସେମିନାର ଯୁଗ୍ମ ସଚିବ ଆୟୁଷ କୁମାର ପ୍ରଧାନ ଅତିଥି ପରିଚୟ ଦେଇଥିବାବେଳେ ବିଭାଗୀୟ ମୁଖ୍ୟ ପ୍ରଶାନ୍ତ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ର ଆୟୁଷ କୁମାର ପ୍ରତିହାରୀ, ସୌମ୍ୟରଞ୍ଜନ ବେହେରା ଓ ନରେଶ କୁମାର ମହାନ୍ତ 'ଡାର୍କ ମ୍ୟାଟର ଆଣ୍ଡ ଡାର୍କ ଏନର୍ଜି' ଓ 'ଏଲିମେଣ୍ଟରୀ ପାର୍ଟିକଲ' ବିଷୟରେ ନିଜ ଉପସ୍ଥାପନା ରଖିଥିଲେ। ଗବେଷଣାଗାର ପରିଚାଳକ କୌଶିକ ଘୋଷ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଅଧ୍ୟାପିକା ତଥା ଆବାହିକା ଲିପ୍ସାରାଣୀ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

## ଯୋଗେନ୍ଦ୍ର ମହାନ୍ତ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି




କରଞ୍ଜିଆ, ୨୦।୩(ସମିସ): ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ୨୧ ଜଣିଆ ରାଜ୍ୟ କମିଟି ଘୋଷଣା କରିବା ସହିତ ୩୩ଟି ସାଂଗଠନିକ ଜିଲ୍ଲାର ନୂତନ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ପଶ୍ଚିମ ମୟୂରଭଞ୍ଜ ସାଂଗଠନିକ ଜିଲ୍ଲା କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଭାବେ ଠାକୁରମୁଣ୍ଡା ବ୍ଲକର ଯୁବ ସଂଗଠକ ଯୋଗେନ୍ଦ୍ର ମହାନ୍ତଙ୍କ ନାମ ଘୋଷଣା କରାଯାଇଛି। ପୂର୍ବରୁ ଯୋଗେନ୍ଦ୍ର ମହାନ୍ତ ଯୁବମୋର୍ଚ୍ଚା ଓ ଓବିସି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଭଳି ଗୁରୁଦାୟିତ୍ୱ ସୁଚାରୁରୂପେ ନିର୍ବାହ କରିଛନ୍ତି। ବର୍ତ୍ତମାନ ସେ କେନ୍ଦୁଝର ସାଂସଦଙ୍କ ମୟୂରଭଞ୍ଜ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରତିନିଧି ଭାବେ ଦାୟିତ୍ୱ ତୁଲାଉଛନ୍ତି। ଏହି ନିଯୁକ୍ତି ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ଏ ନେଇ ଶ୍ରୀ ମହାନ୍ତ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ, ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ତଥା ଯଶିପୁର ବିଧାୟକ ଇଂ ଗଣେଶ ରାମସିଂ ଖୁଣ୍ଟିଆ, କେନ୍ଦୁଝର ସାଂସଦ ଅନନ୍ତ ନାଏକ, ଜିଲ୍ଲା ସଭାପତି ଝୁରିଲାଲ ମହାନ୍ତ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଛତିଶଗଡ଼ ପ୍ରତିନିଧି ଦଳଙ୍କ ବବେଇଜଳା ଗ୍ରାମ ପରିଦର୍ଶନ



ବିଶୋଇ, ୨୦।୩ (ସମିସ): ସମଗ୍ର ଦେଶରେ ସ୍ୱଚ୍ଛତା ବଜାୟ ରଖିଥିବା ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ଭାତଛତ୍ର ପଞ୍ଚାୟତର ବବେଇଜଳା ଗ୍ରାମକୁ ଛତିଶଗଡ଼ ରାଜ୍ୟର ୧୭ ଜଣ ସରପଞ୍ଚ ଓ ୩ ଜଣ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଗଠିତ ୨୦ ଜଣିଆ ପ୍ରତିନିଧି ଦଳ ଗସ୍ତରେ ଆସିଛନ୍ତି। ଗ୍ରାମ କାନ୍ଥରେ ଅଙ୍କାଯାଇଥିବା ଉଲ୍ଲେଖନୀୟ କଳା, ଉତ୍କୃଷ୍ଟତା, ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପାଇଁ ରାଷ୍ଟ୍ରପତିଙ୍କ ପୁରସ୍କାରପ୍ରାପ୍ତ ଥିବା ଏହି ଗ୍ରାମକୁ ପରିଦର୍ଶନ କରି ଗ୍ରାମର ସ୍ୱଚ୍ଛତାକୁ ଉପଭୋଗ କରି ବିମୋହିତ ହୋଇଛନ୍ତି। କ୍ଲିନ ଆଣ୍ଡ ଗ୍ରୀନ ଭିଲେଜ ଥିମ ଅଧୀନରେ ରାଜ୍ୟ ସରକାରଙ୍କ ପକ୍ଷରୁ ଛତିଶଗଡ଼ ରାଜ୍ୟର ୧୧ ଜଣ ମହିଳା ଓ ୬ ଜଣ ପୁରୁଷ ସରପଞ୍ଚ ସମେତ ଛତିଶଗଡ଼ ରାଜ୍ୟର ୟୁନିସେଫ ଜିଲ୍ଲା ସଂଯୋଜକ ଶାସ୍ତ୍ରି କୁମାର, ସ୍ୱଚ୍ଛ ଭାରତର ଜିଲ୍ଲା ସଂଯୋଜକ ମଦନ ପ୍ରେମୀ, ସ୍ୱଚ୍ଛ ଭାରତର ବ୍ଲକ ସଂଯୋଜକ ଅଶୋକ କୁମାର ପ୍ରମୁଖଙ୍କ ସହିତ ମୟୂରଭଞ୍ଜ ଜିଲ୍ଲାର ଜଳ ଓ ପରିମଳ ମିଶନର ଜିଲ୍ଲା ପ୍ରବର୍ତ୍ତିକା ସଂଯୁକ୍ତା ସାହୁ, ବିଶୋଇ ବ୍ଲକ ଏବିଡିଓ ଆକାଶ କୁମାର ପଣ୍ଡା, ବିଶୋଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କୁମାର ଦେବବ୍ରତ ପାତ୍ର, ଭାତଛତ୍ର ପଞ୍ଚାୟତ ପିଇଓ ଭଗତ ଟୁଡୁ, ବିଆରସି ସୁକାନ୍ତୀ ସୋରେନ ଗ୍ରାମକୁ ଏକ୍ସପୋଜର ଗସ୍ତରେ ଆସିଥିଲେ। ଏହି ପ୍ରତିନିଧି ମଣ୍ଡଳୀ ପହଞ୍ଚିବା ପରେ ଭାତଛତ୍ର ପଞ୍ଚାୟତ ସରପଞ୍ଚ ଭାଦୁରାମ ହାଁସଦା, ଗ୍ରାମ ମୁଖିଆ ଲକ୍ଷ୍ମଣ ହାଁସଦା, ଜଗମାଝୀ ସୁନାରାମ ହାଁସଦା ଓ ସୁନାରାମ ଟୁଡୁ ସମେତ ଗ୍ରାମର ଭଞ୍ଜ ଇପିଲ ରାନାକାବ୍ ମାଡ଼ୱା କ୍ଲବ୍ ସଭାପତି ଚନ୍ଦନ ହାଁସଦା, ସମ୍ପାଦକ କାର୍ତ୍ତିକ ହାଁସଦା, ୱାର୍ଡସଭ୍ୟ ସାକ୍ର ମୁର୍ମୁ ସମେତ ବବେଇଜଳା ଗ୍ରାମର ସମସ୍ତ ଗ୍ରାମବାସୀ ପାରମ୍ପରିକ ପୋଷାକ ପରିଧାନ କରି ମାଦଳର ତାଳେ ତାଳେ ପ୍ରତିନିଧି ମଣ୍ଡଳୀକୁ ସ୍ୱାଗତ ଜଣାଇ ଗ୍ରାମକୁ ପାଛୋଟି ଆଣିଥିଲେ।

ପରେ ପ୍ରତିନିଧି ମଣ୍ଡଳୀ ଗ୍ରାମ ବୁଲି ସ୍ୱଚ୍ଛତା ପରଖିବା ସହିତ କାନ୍ଥରେ ଅଙ୍କା ଯାଇଥିବା ରଙ୍ଗୀନ କଳାକାର୍ଯ୍ୟ ଓ ଗ୍ରାମର ସ୍ୱଚ୍ଛତା ପରମ୍ପରାକୁ ଦେଖି ପ୍ରଶଂସା କରିଥିଲେ। ପରେ ଗ୍ରାମ ପରିସରରେ ସରପଞ୍ଚ ଭାଦୁରାମ ହାଁସଦାଙ୍କ ସଭାପତିତ୍ୱରେ ସଭାର ଆୟୋଜନ କରାଯାଇଥିଲା। ବବେଇଜଳା ଗ୍ରାମର ପରିଷ୍କାର ପରିଚ୍ଛନ୍ନତା ଅଭିଯାନ ଓ ପରମ୍ପରାର ସଂରକ୍ଷଣର ଏକ ଉଜ୍ଜ୍ୱଳ ଉଦାହରଣ ଭାବେ ଭାରତ ବର୍ଷରେ ଠିଆ ହୋଇଥିବାବେଳେ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ପାଇ ପ୍ରତିନିଧି ମଣ୍ଡଳୀ ଖୁସିବ୍ୟକ୍ତ କରିଥିଲେ। ଗ୍ରାମରେ ଥିବା ସମସ୍ତ ଗୃହ କାନ୍ଥକୁ କିପରି ପ୍ରାକୃତିକ ରଙ୍ଗ ତୁଳିରେ ଜୀବନ୍ତ କରାଯାଇ ପାରୁଛି, ସେନେଇ ପ୍ରତିନିଧି ମଣ୍ଡଳୀ ଗ୍ରାମର ମହିଳାଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ। ଗ୍ରାମର ପାତା ପର୍ବ ସମ୍ବନ୍ଧରେ ପ୍ରତିନିଧି ମଣ୍ଡଳୀ ଗ୍ରାମବାସୀଙ୍କଠାରୁ ସୂଚନା ପାଇଥିଲେ। ଗ୍ରାମୀଣ ଉତ୍କୃଷ୍ଟତା ଓ ସାଂସ୍କୃତିକ ଗର୍ବର ଏକ ପ୍ରକୃତ ପ୍ରେରଣାଦାୟକ ମଡେଲ ଆଗାମୀ ଦିନରେ ବିଶ୍ୱ ଦରବାରରେ ପରିଚିତ ହେବ ବୋଲି ପ୍ରତିନିଧି ମଣ୍ଡଳୀ ମତବ୍ୟକ୍ତ କରିଥିଲେ। ଗ୍ରାମର ମା' ଦୁର୍ଗା ଓ ପାର୍ବତୀ ସ୍ୱୟଂସହାୟକ ଗୋଷ୍ଠୀର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦୋକାନ ପୋଡ଼ି: ଲକ୍ଷାଧିକ ଟଙ୍କାର ସାମଗ୍ରୀ ଭସ୍ମୀଭୂତ

ବୈଶିଙ୍ଗା, ୨୦।୩ (ସମିସ):ବୈଶିଙ୍ଗା ଥାନା ଅଧୀନ ଦାରିହା ଗ୍ରାମର ଜଣେ ବ୍ୟକ୍ତିଙ୍କ ଦୋକାନ ଗୃହ ନିଆଁ ଲାଗି ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଥିବାବେଳେ ଜୀବିକା ହରାଇ ପରିବାର ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। ଦାରିହା ଗ୍ରାମର କାଳୀଚରଣ ନାଏକ ଘରର ଅନତି ଦୂରରେ ଗାଁ ରାସ୍ତା ପାର୍ଶ୍ୱରେ ଛୋଟ ତେଜରାତି ଦୋକାନ କରିଥିଲେ। ସେଥିରୁ ଯାହା ରୋଜଗାର ହେଉଥିଲା, ସେଥିରେ ସେ ପରିବାର ପ୍ରତିପୋଷଣ କରୁଥିଲେ। ଆଜି ସନ୍ଧ୍ୟାରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିବାବେଳେ ହଠାତ ରାତି ପ୍ରାୟ ୯ଟା ସମୟରେ ଦୋକାନ ଘରେ ନିଆଁ ଲାଗିଯାଇଥିବା ନେଇ ଗ୍ରାମବାସୀ ସୂଚନା ଦେଇଥିଲେ। ସେ ଘଟଣାସ୍ଥଳରେ ପହଞ୍ଚି ଦୋକାନ ଘର ହୁତୁ ହୁତୁ ହୋଇ ଜଳୁଥିବା ଦେଖିଥିଲେ। ସ୍ଥାନୀୟ ଲୋକ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ହେଁ ବିଫଳ ହୋଇଥିଲେ। ଫଳରେ ଦୋକାନ ଘରଟି ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚିଥିଲେ ହେଁ ସେତେବେଳକୁ ପୋଡ଼ି ପାଉଁଶ ହୋଇଯାଇଥିଲା। ଆଖି ସାମ୍ନାରେ ଦୋକାନ ଘର ପୋଡ଼ିଯିବା ଦେଖି କାଳୀଚରଣ ଭାଙ୍ଗିପଡ଼ିଛନ୍ତି। ସେ ସରକାରୀ ସହାୟତା ପାଇଁ ଗୁହାରି କରିଛନ୍ତି।

## ଶାଳ ଚୌକାଠ ବୋଝେଇ ୬ ବାଇକ୍ ଜବତ

ମହୁଲଡିହା/ଠାକୁରମୁଣ୍ଡା, ୨୦।୩(ସମିସ): କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ସାତକୋଶିଆ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ନଦା ଫରେଷ୍ଟ ସେକ୍ସନ ବାଉଁଶପାଣି ଗ୍ରାମ ନିକଟରେ ୫୦ ପିସ ଶାଳଚୈକାଠ ବୋଝେଇ ୬ ବାଇକ୍‌କୁ ଜବତ କରିଛି ବନ ବିଭାଗ। ବନ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ବାଉଁଶପାଣି ଗ୍ରାମ ନିକଟରେ ବୋଲେରୋ ଗାଡ଼ି ଆଲୁଅରେ କାଠ ବୋଝେଇ ବାଇକ ଛାଡି ମାଫିଆମାନେ ଦୌଡ଼ି ପଳାଇଥିଲେ। ଘଟଣାସ୍ଥଳରୁ କାଠ ସହିତ ବାଇକ୍ ଜବତ କରି ତଦନ୍ତ ଆରମ୍ଭ କରିଛି। ଏହି ଚଢ଼ଉରେ ରେଞ୍ଜର ରବୀନ୍ଦ୍ର ନାଥ ମହାନ୍ତ, ନଦା ବନପାଳ ଚିତ୍ରମଣି ହୋ, ସାତକୋଶିଆ ବନପାଳ ଗୌତମ ମହାନ୍ତ, ବନରକ୍ଷୀ ସନତ ମହାନ୍ତ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ। ଗାଡ଼ିରେ ବନ୍ଧା ହୋଇଥିବା ୫୦ ପିସ୍ ଶାଳ ଚୌକାଠ ୨୨.୯୧ ସିଫଟ ଯାହାର ଆନୁମାନିକ ମୂଲ୍ୟ ୪୦ ହଜାର ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ ସୁଚନା ମିଳିଛି।

## ଏମ୍‌ପିସି ସ୍ୱୟଂଶାସିତ କଲେଜ ଓଡ଼ିଆ ବିଭାଗ ପକ୍ଷରୁ ପଖାଳ ଦିବସ

ବାରିପଦା, ୨୦।୩(ସମିସ): ସ୍ଥାନୀୟ ଏମ୍‌ପିସି ସ୍ୱୟଂଶାସିତ କଲେଜ ଓଡ଼ିଆ ବିଭାଗ ପକ୍ଷରୁ ପଖାଳ ଦିବସ ପାଳିତ ହୋଇଯାଇଛି। ରୁଚିପୂର୍ଣ୍ଣ ଦହି ପଖାଳ ସହ ଶାଗ, ବଡ଼ି ଚୁରା, କାକୁଡି ସାଲାଡ, ବାଇଗଣ ଭର୍ତ୍ତା, ମାଛ ଭଜା, ଲିମ୍ବ କଢ଼ି ଭଜା, ଛୁଇଁ ବେସର, କଦଳୀ ଭଜା ଓ ଆମ୍ବୁଲ ରାଇ ଭଳି ଓଡ଼ିଆ ପାରମ୍ପରିକ ସୁସ୍ୱାଦୁ ବ୍ୟଞ୍ଜନ ପରସା ଯାଇଥିଲା। ସମସ୍ତେ ପଖାଳ ଖାଇ ଓଡ଼ିଆ ଜାତିର ଏହି ମହାନ ଖାଦ୍ୟ ପରମ୍ପରାକୁ ଉଜ୍ଜୀବିତ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଜାତିର ପାରମ୍ପରିକ ଖାଦ୍ୟ ପଖାଳର ଲୋକପ୍ରିୟତା ଓ ସ୍ୱାସ୍ଥ୍ୟ ପ୍ରତି ଉପାଦେୟତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବିଭାଗୀୟ ଅଧ୍ୟାପକ ଡ ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର ଓଡ଼ିଶାର ଖାଦ୍ୟ ପରମ୍ପରା ଓ ଏହାର ବୈଜ୍ଞାନିକ ଦୃଷ୍ଟିକୋଣ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ବିବରଣୀ ଉପସ୍ଥାପନା କରିଥିଲେ। ଅଧ୍ୟାପକ ଡ ଧନଞ୍ଜୟ ସିଂ ପଖାଳ କିପରି ଗାଁରୁ ସହର ଏବେ ଅଧିକ ଜନପ୍ରିୟ ସେ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ ଦୟାନିଧି ପରିଡ଼ା ପରିଚାଳନା କରିଥିଲେ। ବିଭାଗୀୟ ଅଧ୍ୟାପିକା ଛନ୍ଦିତା ବିଶ୍ୱାଳ ଛାତ୍ରଛାତ୍ରୀଙ୍କ ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। ବିଭାଗର ଛାତ୍ର ଇନ୍ଦ୍ରଜିତ୍ ନାୟକ, ଧନଞ୍ଜୟ ସି, ଗୀତାଞ୍ଜଳି ସେଠ, ପୂର୍ଣ୍ଣିମା ସି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭାଗ ମୁଖ୍ୟ ଡ ରୀନା ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।

### ପାହାଡ଼ ପାଦଦେଶରେ ଷ୍ଟ୍ରବେରୀ ଚାଷ

# ମିଶନ ଶକ୍ତି ମହିଳାଙ୍କୁ କରିଛି ସ୍ୱାବଲମ୍ବୀ

**■ ୨.୫ ଏକର ଜମିରୁ ଆରମ୍ଭ କରିଥିଲେ କ୍ଷୁଦ୍ର ପ୍ରୟାସ**

**■ ଦେଶ ବିଦେଶକୁ କରୁଛନ୍ତି ରପ୍ତାନୀ**




ରାଇରଙ୍ଗପୁର, ୨୦।୩(ସମିସ)(ବିଶ୍ୱଜିତ ଭୂୟାଁ): ଶିମିଳିପାଳ ଅଭୟାରଣ୍ୟର ପର୍ବତମାଳା ପାଦଦେଶରେ ନାଲି ଟହ ଟହ ଷ୍ଟ୍ରବେରୀ ହସୁଛି। ମହିଳାମାନେ ଏହା ଚାଷ କରି ସ୍ୱାବଲମ୍ବୀ ହୋଇଛନ୍ତି। ଉକ୍ତ ଷ୍ଟ୍ରବେରୀ ମହିଳାଙ୍କ ମୁହଁରେ ହସ ଭରି ଦେଇଛି। ସମୁଦ୍ର ପତନରୁ ଉଚ୍ଚରେ ମୟୂରଭଞ୍ଜ ଜିଲ୍ଲାର ଯଶିପୁର ବ୍ଲକରେ ଷ୍ଟ୍ରବେରୀ ଚାଷ ହୋଇଛି। ବର୍ତ୍ତମାନ ଏହି ଅଞ୍ଚଳରେ ଷ୍ଟ୍ରବେରୀ ଚାଷ ଅଞ୍ଚଳବାସୀଙ୍କ ପାଇଁ ରୋଜଗାରର ପନ୍ଥା ପାଲଟିଛି। ସ୍ଥାନୀୟ ଅଞ୍ଚଳର ମହିଳାମାନେ ମିଶନ ଶକ୍ତି ଯୋଜନାରେ ୨.୫ ଏକର ଜମିରୁ ଏକ କ୍ଷୁଦ୍ର ପ୍ରୟାସ ଆରମ୍ଭ କରିଥିଲେ। ଯାହାକି ଆଜି ବିଶ୍ୱ ବଜାରରେ ପହଞ୍ଚିଛି। ମହିଳାମାନେ ଚାଷ କରିଥିବା ଷ୍ଟ୍ରବେରୀ ବିଦେଶ ସମେତ ମେଟ୍ରୋ ସିଟିକୁ ରପ୍ତାନୀ କରି ଇତିହାସ ରଚିଛନ୍ତି।

ଯଶୀପୁର ବ୍ଲକର ଷ୍ଟ୍ରବେରୀ ଏବେ ଅପେଡ଼ା ସହଯୋଗରେ ଲଣ୍ଡନ ଓ ଦୁବାଇ ଭଳି ସହରକୁ ରପ୍ତାନୀ ହେଉଛି। ଏଠିକାର ଜଳବାୟୁ ଏହି ଚାଷ ପାଇଁ ଉପଯୁକ୍ତ ଥିବାରୁ ଭଲ ଷ୍ଟ୍ରବେରୀ ଚାଷ ହୋଇଛି। ମିଶନ ଶକ୍ତି ସହାୟତାରେ ରାଜ୍ୟ ବାହାରୁ ନୂତନ କିସମର ଷ୍ଟ୍ରବେରୀ ଚାରା ଅଣାଯାଇଥିଲା। ଏହାପରେ ମହିଳାମାନେ ଚାଷ ଆରମ୍ଭ କରିଥିଲେ। ଏଥିସହିତ ଚାଷ ଉପଯୋଗୀ ନିମନ୍ତେ ଦୂରରୁ ପାଇପ୍ ଯୋଗେ ପାଣି ଆଣି ବୁନ୍ଦା ଜଳସେଚନ ସହ ଜମି ସମତୁଲ ବ୍ୟବସ୍ଥା କରାଯାଇଥିଲା। ଏ ନେଇ ଆର୍ଥିକ ସହଯୋଗ ମଧ୍ୟ ପ୍ରଦାନ କରାଯାଇଥିଲା। ଗୋଟିଏ ଏକର ଜମିରୁ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଷ୍ଟ୍ରବେରୀ ଅମଳ ହେଉଛି। ଏହି ଫଳ ବିଭିନ୍ନ ସଂସ୍ଥାକୁ ବିକ୍ରୟ ପାଇଁ ଚୁକ୍ତି କରାଯାଇଛି। କୃଷି ଅଧିକାରୀ ଚାଷୀଙ୍କୁ ସହଯୋଗ କରୁଛନ୍ତି। ତେବେ ସରକାରୀ ସ୍ତରରେ ଚାରା ଯୋଗାଇବାଠାରୁ ଆରମ୍ଭ କରି ଚାଷୀଙ୍କୁ ଉତ୍ସାହିତ ଓ ବଜାରୀକରଣ ନିମନ୍ତେ ସହଯୋଗ କରାଯାଉଛି। ଚଳିତ ବର୍ଷ ୧୦ ଜଣ ମହିଳା ୧୨.୫ ଏକର ଜମିରେ ଚାଷ କରି ୧୮ ଲକ୍ଷରୁ ଅଧିକ ଟଙ୍କା ଆୟ କରିସାରିଛନ୍ତି। ମିଶନ ଶକ୍ତି ବିଭାଗ ଅଧୀନରେ ଥିବା 'ସ୍ୱୟଂ ସମ୍ପୂର୍ଣ୍ଣା ମହିଳା ଫାର୍ମର ପ୍ରଡ୍ୟୁସର କମ୍ପାନୀ ସମର୍ଥନରେ ମହିଳାମାନେ ବିଶ୍ୱସ୍ତରୀୟ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ ହୋଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମିଶନ ଶକ୍ତି ଯୋଜନାର ସଫଳ ରୂପାୟନ ହୋଇଛି। ଯାହାକି ମହିଳାଙ୍କ ନିମନ୍ତେ ପ୍ରଗତିର ବରଦାନ ସାଜିଛି। ଆଗକୁ ଆଉ ଅଧିକ ଆୟ ହେବାର ସମ୍ଭାବନା ରହିଛି। ଉକ୍ତ ଚାଷ ପାହାଡ଼ ପାଦଦେଶର ମହିଳାଙ୍କ ପାଇଁ ନୂଆ ଆଶା ଓ ଆର୍ଥିକ ସମୃଦ୍ଧିର ପଥ ଖୋଲିଛି।



## ମୃତ ବ୍ୟକ୍ତିଙ୍କ ମିଳିଲା ପରିଚୟ

ମହୁଲଡିହା,୨୦।୩(ସମିସ): ୫୩ନଂ ରାଜ୍ୟ ରାଜପଥ ଗୋଡଭଙ୍ଗା ଘାଟିର ନାକଝରି ପାଖ ପ୍ରଥମ ବାଙ୍କରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ମହୁଲଡିହା ଥାନା ପୁଲିସ ଜବତ କରିଥିଲା । ଆଜି ମୃତକଙ୍କ ଭାଇ ସୁରେନ୍ଦ୍ର ପ୍ରଧାନ (୪୮) ମହୁଲଡିହା ଥାନାରେ ଫଟୋ ଦେଖାଇ ଜଣାଇଲେ ଯେ ମୃତକ ବିରେନ୍ଦ୍ର ପ୍ରଧାନ (୪୫) ତାଙ୍କ ସାନ ଭାଇ । ବିରେନ୍ଦ୍ର ମାନସିକ ବିକାରଗ୍ରସ୍ତ ଓ ଜନ୍ମରୁ ମୂକ । ସେ ଅବିବାହିତ ଥିବାରୁ ବାପାମାଆଙ୍କ ଦେହାନ୍ତ ପରେ ଭାଇ ଭାଉଜଙ୍କ ପାଖରେ ରହୁଥିଲେ। ସୁରେନ୍ଦ୍ର ଦେବଗଡ଼ ଜିଲ୍ଲା ଦେବଗଡ଼ ଥାନା ପୁରୁଣାଗଡ଼ ଗ୍ରାମର ସ୍ଥାୟୀ ବାସିନ୍ଦା। ଏବେ ପ୍ରାୟ ୧୫ ବର୍ଷ ହେବ ପାଟଣା ଥାନା ସାହାରପଡ଼ା ଫାଣ୍ଡି ଅନ୍ତର୍ଗତ ମାଛଗଡ଼ ଗ୍ରାମରେ ଥିବା କୁକୁଡ଼ା ଫାର୍ମରେ କାମ କରିବା ସହ ପନିପରିବା ଚାଷ କରି ଜୀବିକା ନିର୍ବାହ କରୁଥିଲେ । ୧୩ ତାରିଖରେ ସୁରେନ୍ଦ୍ର ସ୍ତ୍ରୀ ସହିତ ଦେବଗଡ଼ରୁ ମାଛଗଡ ଆସିଥିଲେ। ୧୪ ତାରିଖ ସେ ଘରୁ ବାହାରି ନ ଫେରିବାରୁ ଖୋଜା ଖୋଜି କରି ସାହାରପଡ଼ା ଫାଣ୍ଡିରେ ଅଭିଯୋଗ କରିଥିଲେ। ମହୁଲଡିହା ଥାନା ଆଇଆଇସି ତୁଷାର ନାୟକ ଅନୁସନ୍ଧାନ କରି ବାରିପଦା ଚିକିତ୍ସାଳୟରୁ ଶବ ହସ୍ତାନ୍ତର କରିବାର ବ୍ୟବସ୍ଥା କରୁଥିବା ଜଣାପଡିଛି ।

## ଅଫିମ ଚାଷ ମାମଲା: ୪ ଗିରଫ



ଯୋଡ଼ା, ୨୦।୩ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଭୂୟାଁ ରୋଇଡା ପଞ୍ଚାୟତସ୍ଥିତ ମାଙ୍କଡା ହଟିଂରେ କୋଟି କୋଟି ଟଙ୍କାର ବେଆଇନ ଅଫିମ ଚାଷ ମାମଲାରେ ୪ ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ରୁଗୁଡି ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ ଭୂୟାଁ ରୋଇଡ଼ା ପଞ୍ଚାୟତ କେମ୍ପ ହାଟିଙ୍ଗ ଅଞ୍ଚଳର ବିଜୟ ପୂର୍ତ୍ତି (୬୦), ଜଙ୍ଗଲାପାହାନ (୪୫), ଦିଦୁ ସାୟ (୬୧) ଏବଂ ବୋଙ୍ଗା ମୁଣ୍ଡା (୩୭) । ଏମାନଙ୍କ ନାଁରେ ଯୋଡ଼ା ଥାନାରେ ପୂର୍ବରୁ ଏକାଧିକ ମାମଲା ରହିଛି । ସୂଚାନୁଯାୟୀ, ଗତ ଜାନୁଆରୀ ୨୯ରେ ମାକଡ ହାଟିଂ ସୁନା ନଦୀ ଅବବାହିକାରେ ଥିବା ପ୍ରାୟ ଦୁଇ ଏକର ପରିମିତ ଜଙ୍ଗଲ ଜମି ଉପରେ ଅଫିମ ଚାଷ ହୋଇଥିବା ଖବର ପାଇ ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଦେବେନ୍ଦ୍ରନାଥ ପିଙ୍ଗୁଆଙ୍କ ନେତୃତ୍ୱରେ ପୁଲିସ ଚଢ଼ଉ କରିଥିଲା। ଅଭିଯୁକ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ। ପୁଲିସ ମାଜିଷ୍ଟ୍ରେଟ୍ଙ୍କ ଉପସ୍ଥିତିରେ ଅଫିମ ଗଛକୁ ନଷ୍ଟ କରି ଏନ୍‌ଡିପିଏସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା । ଅଭିଯୁକ୍ତମାନେ ନିତିଦିନ ମୋଟର ପାଇପ ଲଗାଇ ଅଫିମ ଚାଷ କରୁଥିଲେ। ଯାହାର ପ୍ରମାଣ ପାଇ ରଗୁଡ଼ି ପୁଲିସ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିବା ସହ ଏକ ପାଣି ମୋଟର ଜବତ୍ କରିଛି । ଏହି ଘଟଣାରେ ଆହୁରି ଅନେକ ମାଫିଆ ସମ୍ପୃକ୍ତ ଥିବାର ଆଶଙ୍କା କରାଯିବା ସହ ଆଗକୁ ତଦନ୍ତ ଜାରି ରହିଛି ବୋଲି ରୁଗୁଡି ଥାନାଧିକାରୀ ସମ୍ପଦ କୁମାର ମହାନ୍ତି ସୂଚନା ଦେଇଛନ୍ତି ।

## ଦୁଇ ବାଇକ୍ ଧକ୍କା, ଜଣେ ଗୁରୁତର

ରାଇରଙ୍ଗପୁର,୨୦।୩(ସମିସ): ଘର ସମ୍ମୁଖରେ ଛିଡ଼ା ହେଇଥିବା ବାଇକକୁ ଅନ୍ୟଏକ ବାଇକ୍ ପଛ ପଟରୁ ଜୋରରେ ଧକ୍କା ଦେବାରୁ ଜଣେ ଗୁରୁତର ହୋଇଛନ୍ତି । ଗୁରୁତର ଜଣକ ହଳଦା ଅଞ୍ଚଳର ଲକ୍ଷ୍ମୀଧର ମହାନ୍ତ । ସେ ସନ୍ଧ୍ୟା ସମୟରେ ଘର ସମ୍ମୁଖରେ ଥିବାବେଳେ ଦ୍ରୁତଗାମୀ ବାଇକ ଆସି ଧକ୍କା ଦେଇଥିଲା । ଭାରସାମ୍ୟ ହରାଇ ତଳେ ପଡିବାରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିବା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପିଆରଏମ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ପରିବାର ଲୋକଙ୍କ ଅଭିଯୋଗକ୍ରମେ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି ।

## ପୁରାଣ ବନ୍ଧରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ମୋରଡା,୨୦।୩(ସମିସ): ମୋରଡା ଥାନା ତଥା ଚିତ୍ରଡା ଫାଣ୍ଡି ଅଧୀନ ସମାଇଡ଼ିହି ପୁରାଣ ବନ୍ଧ ନିକଟରେ ଜଣେ ବୃଦ୍ଧଙ୍କ ମୃତଦେହ ଶୁକ୍ରବାର ପୁଲିସ ଉଦ୍ଧାର କରିଛି । ମୃତକ ଜଣକ ବେତନଟୀ ଥାନା ଅଧୀନ ସଙ୍ଗାଡ଼ିହି ଗ୍ରାମର ଜଗତ ହାଁସଦା(୬୫) । ଚିତ୍ରଡା ଫାଣ୍ଡି ଅଧିକାରୀ ଭୀମସେନ ମଲ୍ଲିକ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲକୁ ପଠାଇଛନ୍ତି । ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଛି ।

## ଉଦଳାରେ ପଖାଳ ଦିବସ



ଉଦଳା,୨୦।୩ (ସମିସ): ସାରା ଓଡ଼ିଶାରେ ଆଜି ପଖାଳ ଦିବସ ପାଳନ ହୋଇଥିବାବେଳେ ଉଦଳାରେ ପାଳିତ ହୋଇଛି । ଚାଳ ଘରର ମାଟି ଚଟାଣଠୁ ନେଇ ପଞ୍ଚତାରକା ହୋଟେଲ୍ ପର୍ଯ୍ୟନ୍ତ ସବୁଠି ଜମିଛି ପଖାଳର ଆସର । ମୟୂରଭଞ୍ଜ ଜିଲ୍ଲା ଉଦଳା ଏନ୍‌ଏସି ୧୦ନଂ ୱାର୍ଡରେ ଥିବା ଆଶୀର୍ବାଦ ଧର୍ମଶାଳାରେ ଅନୁଷ୍ଠିତ ହୋଇଯାଇଛି ପଖାଳ ଦିବସ । ଉଦଳା ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ସ୍ୱେଚ୍ଛାସେବୀ ରଞ୍ଜନ ପାତ୍ର, ଜଗନ୍ନାଥ ସିଂ, କାଜଲ ବେହେରା, ଚରେଶ୍ୱର ବାରିକ ପ୍ରମୁଖ ଯୋଗ ଦେଇଥିଲେ ।

### ବେତନଟୀରେ ପୁଣି ସକ୍ରିୟ ବାଲିମାଫିଆ

# ପୁଲିସ ପହଞ୍ଚିବା ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ଉଠାଇ ଫେରାର

ବେତନଟୀ,୨୦।୩(ସମିସ)

ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଅଞ୍ଚଳରେ ପୁଣିଥରେ ବାଲିମାଫିଆଙ୍କ ଦୌରାତ୍ମ୍ୟ ଚରମସୀମାରେ ପହଞ୍ଚିଥିବା ଦେଖିବାକୁ ମିଳିଛି। ଦିନଦ୍ୱିପ୍ରହରରେ ଗ୍ରାମବାସୀଙ୍କୁ ଭୟଭୀତ କରି ଏକ ଦୁର୍ଘଟଣାଗ୍ରସ୍ତ ଚୋରା ବାଲି ବୋଝେଇ ଟ୍ରାକ୍ଟରକୁ ଜୋର ଜବରଦସ୍ତ ଉଠାଇ ନେଇଯିବା ଘଟଣା ବେତନଟୀ ଅଞ୍ଚଳର ଆଇନଶୃଙ୍ଖଳା ପ୍ରତି ପ୍ରଶ୍ନ ଉଠାଇଛି । ବେତନଟୀ ବଜାର ଅଞ୍ଚଳରେ ପ୍ରତିଦିନ ସକାଳ ସମୟରେ ବ୍ୟାପକ ଭାବେ ଚୋରା ବାଲି ଚାଲାଣ ହେଉଛି । ପ୍ରାୟ ୫୦ରୁ ଅଧିକ ଟ୍ରାକ୍ଟର ଦ୍ୱାରା ଏହି ଅବୈଧ ବ୍ୟବସାୟ ଚାଲିଥିବାବେଳେ ପ୍ରଶାସନର ନିରବତା ଉପରେ ସ୍ଥାନୀୟ ଲୋକଙ୍କ ଅସନ୍ତୋଷ ବଢ଼ୁଛି । ବିଭିନ୍ନ ଛକରେ ବାଲିମାଫିଆଙ୍କ ଲୋକ ଜଗି ରହୁଥିବାରୁ ସାଧାରଣ ଲୋକ ଭୟଭୀତ ଅଛନ୍ତି।

ଗୁରୁବାର ଅପରାହ୍ନରେ ପୁରୁଣାପାଣିସ୍ଥ ତାରାକୋଟୀ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସମ୍ମୁଖରେ ଏକ ବାଲି ବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟିପଡ଼ିଥିଲା। ଏହା ବଡସାହି ଥାନା ଅଞ୍ଚଳର ବର୍ଡନା ଗ୍ରାମର ପ୍ରଶାନ୍ତ କୁମାର ଗାଥାଣଙ୍କ ନାମରେ ପଞ୍ଜିକୃତ ଥିବା ଜଣାପଡ଼ିଛି । ଘଟଣା ପରେ ସ୍ଥାନୀୟ ଲୋକ ପୁଲିସକୁ ଖବର ଦେବାକୁ ଯାଉଥିବାବେଳେ ବାଲିମାଫିଆ ସେମାନଙ୍କୁ ଧମକ ଦେଇ ଚୁପ୍ କରାଇଦେଇଥିଲେ। ସ୍ପଷ୍ଟ ଦିବାଲୋକରେ ଏହି ମାଫିଆମାନେ ଓଲଟି ପଡ଼ିଥିବା ଚୋରା ବାଲି ବୋଝେଇ ଟ୍ରାକ୍ଟରକୁ ଉଠାଇନେଇ ଘଟଣାସ୍ଥଳରୁ



ଚମ୍ପଟ ମାରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଟ୍ରାକ୍ଟର ଅନ୍ତର୍ଦ୍ଧାନ ହୋଇଯାଇଥିବା ବେତନଟୀ ଥାନା ଆଇଆଇସି କ୍ରିଷ୍ଣା ପିଙ୍ଗୁଆ ସୂଚନା ଦେଇଛନ୍ତି। କିଛି ମାସ ପୂର୍ବରୁ ବେତନଟୀ ତହସିଲଦାର ଓ ତାଙ୍କ ଡ୍ରାଇଭରଙ୍କୁ ବାଲି ମାଫିଆ ଗୋଡାଇ ଗୋଡାଇ ମରଣାନ୍ତକ ଆକ୍ରମଣ କରିଥିବା ଘଟଣାରେ ମୁଖ୍ୟ ଅଭିଯୁକ୍ତ ଭାବେ ପ୍ରଶାନ୍ତ କୁମାର ଗାଥାଣଙ୍କ ନାମ ଆସିଥିଲା। ଏହି ଘଟଣାରେ ମଧ୍ୟ ସେହି ନାମ ଆସିବାରୁ ପୁନର୍ବାର ଆଇନ ଶୃଙ୍ଖଳା ପ୍ରତି ଗୁରୁତର ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପୁଲିସ ଓ ମାଇନିଂ ବିଭାଗର ଅଧିକାରୀଙ୍କ ନିଷ୍କ୍ରିୟତା ବାଲି ମାଫିଆଙ୍କୁ ପରୋକ୍ଷରେ ସାହସ ଯୋଗାଉଛି ଓ ସହଯୋଗ କରୁଛି ଏହି ଚୋରା ବ୍ୟବସାୟ ପାଇଁ। ଦିନକୁଦିନ ବଢୁଥିବା ଏହି ଅବୈଧ କାରବାର ରୋକିବା ପାଇଁ ଶୀଘ୍ର କଠୋର ପଦକ୍ଷେପ ନିଆଯାଉ, ନହେଲେ ପରିସ୍ଥିତି ଆହୁରି ଗମ୍ଭୀର ହେବାର ସମ୍ଭାବନା ରହିଛି ବୋଲି ବୁଦ୍ଧିଜୀବୀ ଆଲୋଚନା କରୁଛନ୍ତି।

## ବାରିପଦା ରାଷ୍ଟ୍ରୀୟ ଆଦିବାସୀ ଲଘୁ ଫିଲ୍ମ ମହୋତ୍ସବ ଉଦ୍‌ଘାଟିତ



ବାରିପଦା, ୨୦।୩(ସମିସ): ସ୍ଥାନୀୟ ସହିଦ ସ୍ମୃତି ଭବନରେ ସାନ୍ତାଳୀ ଆର୍ଟ ଆଣ୍ଡ ଫିଲ୍ମ ଡେଭେଲପମେଣ୍ଟ ଫାଉଣ୍ଡେସନ ଆନୁକୂଲ୍ୟରେ ତଥା ଏନଏଫଡିସିର ସହଯୋଗରେ ୭ମ ବାର୍ଷିକ ବାରିପଦା ରାଷ୍ଟ୍ରୀୟ ଆଦିବାସୀ ଲଘୁ ଫିଲ୍ମ ମହୋତ୍ସବ ଉଦଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ପାୱାର ଫାଇନାନ୍ସ କର୍ପୋରେସନ ଲିମିଟେଡ଼ର ପୂର୍ବତନ ସିଜିଏମ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ସାନ୍ତାଳୀ ସିନେମା ପ୍ରଯୋଜକ ପୂର୍ଣ୍ଣିମା ଟୁଡୁ, ସାମାଜିକ କର୍ମୀ ଫୁଲମଣୀ ହେମ୍ବ୍ରମ, ବିଶିଷ୍ଟ ବ୍ୟବସାୟୀ ଦିଘୀ ମୁର୍ମୁ ମାର୍ଣ୍ଡି, କାହ୍ନଇ ଚରଣ ଟୁଡୁ, ଜୁରୀ ସଦସ୍ୟ ମାନସିଂ ମାଝୀ, ସ୍ନେହା ମୁଣ୍ଡାରୀ, କ୍ରିଷ୍ଣା ସୋରେନ ଓ ନିରଞ୍ଜନ କୁଜୁର ଯୋଗଦେଇ ଏହି ମହୋତ୍ସବର ଉଦଘାଟନ କରିବା ସହ ଏହାର ସଫଳତା କାମନା କରିଥିଲେ । ଫାଉଣ୍ଡେସନର ପ୍ରତିଷ୍ଠାତା ଦୀପକ କୁମାର ବେଶ୍ରା ଏହି ମହୋତ୍ସବ ଉପରେ ଆଲୋକପାତ କରିବା ସହ ଏହାକୁ ସଫଳ କରିବା ପାଇଁ ଆଗେଇ ଆସିଥିବା ସମସ୍ତ ଅନୁଷ୍ଠାନକୁ ଧନ୍ୟବାଦ ଦେଇଥିଲେ । ନିଚୁଆପଦା ଉତ୍ତରସାହି ଛଉ ନୃତ୍ୟ ଦଳ ପ୍ରଥମେ ଛଉ ନୃତ୍ୟ ପ୍ରଦର୍ଶନ କରିଥିଲେ । ପ୍ରଥମ ଦିନରେ ସାନ୍ତାଳୀ, ତିୱା, ହିନ୍ଦୀ, ଓଡ଼ିଆ, ଇଂରାଜୀ, ତାମିଲ, କର୍ବୀ, ଆସାମୀ ଓ ବେଙ୍ଗଲୀ ଭାଷାରେ ୯ଟି ପ୍ରାମାଣିକ ଚଳଚ୍ଚିତ୍ର ଓ ୩ଟି ଲଘୁ ସିନେମା ପ୍ରଦର୍ଶିତ ହୋଇଥିଲା। ପ୍ରତ୍ୟେକ ପ୍ରଯୋଜକ ଓ ନିର୍ଦ୍ଦେଶକଙ୍କୁ ଆୟୋଜକଙ୍କ ପକ୍ଷରୁ ମାନପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା । ଆଗକୁ ୭ଟି ଲଘୁ ସିନେମା ଓ ୫ଟି ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହେବା ସହ ଶେଷରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ।

## ଅଙ୍ଗନବାଡ଼ି ଗୃହ ନିର୍ମାଣରେ ବିଳମ୍ବ; ଉପଜିଲ୍ଲାପାଳଙ୍କୁ ଅଭିଯୋଗ

ହାଟଡ଼ିହୀ/ଆନନ୍ଦପୁର,୨୦।୩(ସମିସ): ହାଟଡ଼ିହୀ ବ୍ଲକ ସିଙ୍ଗିଡୋଭ ଗ୍ରାମରେ ନୂତନ ଅଙ୍ଗନବାଡି ଗୃହ ନିର୍ମାଣ ପାଇଁ ସରକାରୀ ସ୍ତରରେ ଟେଣ୍ଡର ହୋଇସାରିଥିବା ବେଳେ ନିର୍ମାଣ କାର୍ଯ୍ୟ ଆରମ୍ଭ ନହେବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଗ୍ରାମର ଦୁଇଟି ୱାର୍ଡ଼ରୁ ପଢୁଥିବା କୁନି କୁନି ପିଲାମାନେ ବର୍ତ୍ତମାନ ଗାଁ ପ୍ରାଥମିକ ବିଦ୍ୟାଳୟର ବାରଣ୍ଡାରେ ବସି ଅଧ୍ୟୟନ ସହ ମଧ୍ୟାହ୍ନ ଭୋଜନ କରୁଛନ୍ତି। ଶିକ୍ଷାଗୃହ ନଥିବାରୁ ପିଲାଙ୍କ ପାଇଁ ସରୀସୃପ, ବୁଲାରି କୁକୁର ଭୟ ଲାଗି ରହୁଛି। ମାସ କେଇଟା ବିତିଲା ପରେ ଆଗକୁ ବର୍ଷାଦିନ ଆସୁଛି, ପିଲାମାନଙ୍କ ପାଇଁ ଗୃହ ନିର୍ମାଣରେ ବିଳମ୍ବ ହେଉଥିବାରୁ ୧୨ନଂ ୱାର୍ଡ଼ବାସୀ ତୁରନ୍ତ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଇବା ସକାଶେ ଆଜି ପୂର୍ବାହ୍ନରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କୁ ଭେଟିବା ସହ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଏକ ଲିଖିତ ଅଭିଯୋଗପତ୍ର ଦେଇଛନ୍ତି।



ୱାର୍ଡ଼ ବାସିନ୍ଦାଙ୍କ ଅଭିଯୋଗ ଅନୁସାରେ, ଗତ ୧୨/୦୧/୨୦୨୬ ଅଙ୍ଗନବାଡ଼ି କେନ୍ଦ୍ରର ଗୃହ କାର୍ଯ୍ୟ ଆରମ୍ଭ ହେବାନେଇ ପ୍ରଶାସନ ପକ୍ଷରୁ କୁହାଯାଇଥିଲା । ଜାଗା ଚିହ୍ନଟ ପ୍ରକ୍ରିୟା ସହ ଦୁଇ ୱାର୍ଡ଼ବାସୀଙ୍କ କନ୍ଦଳ ସକାଶେ ଏଯାଏଁ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିଲା ନାହିଁ। ଅଧ୍ୟୟନରତ ୨୫ରୁ ଉର୍ଦ୍ଧ୍ୱ ଶିଶୁ ଅସ୍ଥାୟୀ ଭାବେ କେତେବେଳେ ସ୍କୁଲ ବାରଣ୍ଡାରେ ପଢୁଛନ୍ତି ତ ପୁଣି କେତେବେଳେ ଏକ କମ୍ୟୁନିଟି ସେଣ୍ଟରରେ ବସି ପାଠ ପଢୁଛନ୍ତି; ଯାହାକି, ବର୍ତ୍ତମାନ ଅସ୍ଥାୟୀ ଭାବେ ଅଙ୍ଗନବାଡ଼ି କେନ୍ଦ୍ର ଚାଲୁଛି । ଅନେକ ସମୟରେ ପିଲାମାନେ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଅଭିଯୋଗକୁ ବିଚାରକରି ତୁରନ୍ତ ଅଙ୍ଗନବାଡ଼ି କେନ୍ଦ୍ର ଗୃହ ନିର୍ମାଣ ପାଇଁ ଆଦେଶ ଦେଲେ ଗ୍ରାମବାସୀ ଚିରୋପକୃତ ହେବେ ବୋଲି କହିଛନ୍ତି । ଯଦି, ଆଗାମୀ ଦିନରେ ଏହାର ବ୍ୟତିକ୍ରମ ଦେଖାଯାଏ, ତାହେଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇ ଧାରଣା ଦେବେ ବୋଲି କହିଛନ୍ତି । ତେବେ, ଖୁବ୍ ଶୀଘ୍ର ସେମାନଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ଉପଜିଲ୍ଲାପାଳ ଶ୍ରୀ ସୁନା କହିଛନ୍ତି ।

## ତହସିଲଦାର ଅନୁପସ୍ଥିତ; ସେବାରୁ ବଞ୍ଚିତ ହିତାଧିକାରୀ

ହାଟଡ଼ିହୀ,୨୦।୩(ସମିସ): ହାଟଡ଼ିହୀ ତହସିଲ ଚୋରଗଡ଼ିଆ ଗ୍ରାମର କିଛି ଲୋକ ନିଜର ବିଭିନ୍ନ ସମସ୍ୟା ନେଇ ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ ମଧ୍ୟ ତହସିଲଦାରଙ୍କ ଅନୁପସ୍ଥିତି ଯୋଗୁଁ ସେମାନଙ୍କ କାର୍ଯ୍ୟ ହୋଇପାରିଲା ନାହିଁ। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଗତ ୨୦୧୯ରୁ ସ୍ଥଗିତ ଥିବା ଜମି ଚିହ୍ନଟ ପ୍ରକ୍ରିୟା ହୋଇପାରିନାହିଁ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଚୋରଗଡ଼ିଆ ଗ୍ରାମର ସରକାରୀ ଜମି ମାପ ଓ ସୀମା ଚିହ୍ନଟ ପାଇଁ ୨୦୧୯ ମସିହାରୁ ବାରମ୍ବାର ଆବେଦନ କରାଯାଇଛି । କିନ୍ତୁ ତହସିଲ ପ୍ରଶାସନର ମନ୍ଥର ଗତି ଯୋଗୁଁ ଏହା ଆଜି ପର୍ଯ୍ୟନ୍ତ ସମାଧାନ ହୋଇପାରୁନାହିଁ। ଏହି ଜମି ଚିହ୍ନଟ ପ୍ରକ୍ରିୟା ବିଳମ୍ବ ହେବା ଯୋଗୁଁ ଗ୍ରାମ୍ୟ ରାସ୍ତା ସମ୍ପ୍ରସାରଣ ହୋଇପାରୁନାହିଁ। ରାସ୍ତା ଅତି ସଂକୀର୍ଣ୍ଣ ହୋଇଥିବାରୁ ଜରୁରିକାଳୀନ ସମୟରେ ଗ୍ରାମ ଭିତରକୁ ଗାଡ଼ି ଯାଇପାରୁନାହିଁ। ଏପରିକି ରୋଗୀଙ୍କୁ ମୁଖ୍ୟ ରାସ୍ତାକୁ ବୋହି ଆଣିବାରେ



ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିବା ସହ ଗ୍ରାମର ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଗ୍ରାମର ଗୋବର୍ଦ୍ଧନ ସାହୁ, ଭାଗୀରଥି ନାୟକ, ସୁଧାଂଶୁ ଶେଖର ଜେନା, କୋଦଣ୍ଡ ଦାସ, ଲକ୍ଷ୍ମଣ ବେହେରା, ନବଘନ ସାହୁ, କୈଳାସ ନାୟକ, ଅଖିଳ ଦାସ, ବୀରବର ଦାସ, କୃଷ୍ଣଚନ୍ଦ୍ର ସାହୁ, ଶ୍ରୀଧର ସାହୁ, ରବୀନ୍ଦ୍ର ଦାସ, ମନୋରଞ୍ଜନ ନାୟକ, ନରେନ୍ଦ୍ର ସାମଲ, ସନ୍ଦୀପ ସାମଲ ଏବଂ ରାମଚନ୍ଦ୍ର ସାହୁଙ୍କ ସମେତ ଅନେକ ବ୍ୟକ୍ତି ଅଭିଯୋଗ କରିଛନ୍ତି ଯେ ଆଜକୁ ୫ବର୍ଷ ହେଲା ଦୌଡୁଥିଲେ ସୁଦ୍ଧା ସେମାନଙ୍କ ସମସ୍ୟା ସମାଧାନ ହେଉନାହିଁ। ତହସିଲ କାର୍ଯ୍ୟାଳୟରେ ତହସିଲଦାରଙ୍କୁ ନପାଇ ସେମାନେ ନିରାଶ ହୋଇ ଶୁକ୍ରବାର ମଧ୍ୟ ଫେରିଥିଲେ । ରାସ୍ତା ସମସ୍ୟାର ସମାଧାନ କରା ନଗଲେ, ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି ।

## ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଜଣେ ମୃତ

ବିଶୋଇ,୨୦।୩ (ସମିସ): ବିଶୋଇ ଥାନା ଅନ୍ତର୍ଗତ ୪୯ ନଂ ଜାତୀୟ ରାଜପଥସ୍ଥ କାଦୁଆଣି ଛକରେ ଆଜି ଏକ ପିକଅପ ଭ୍ୟାନ୍ ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ମୃତକ ଜଣଙ୍କ ହେଲେ ବାଙ୍ଗିରିପୋଷି ଥାନା ଅଞ୍ଚଳର ନିତାଇ ଗ୍ରାମର ଶିବାନ ମାଝୀ (୪୨) । ଶିବାନ ଓ ଝାରପୋଖରିଆ ଥାନା ଅଞ୍ଚଳର ଦାନାଦାର ଗ୍ରାମର ଦୁଇ ଭାଇ ଶମ୍ଭୁ ବିନ୍ଧାଣି (୩୩) ଓ ଜିତୁବାହାନ ବିନ୍ଧାଣି (୩୫) ୩ ଜଣ ମିଶି ହାଟବାଦଲା ହାଟରୁ ୧୨ଟି ଗୋରୁ କିଣି ଜାତୀୟ ରାଜପଥ ଯୋଗେ ଗୋରୁକୁ ଚଲାଇ ଚଲାଇ ନିଜ ନିଜ ଘରକୁ ଫେରୁଥିଲେ । ଆଜି ଭୋର ପ୍ରାୟ ୩ ଘଟିକା ସମୟରେ କାଦୁଆଣି ଗ୍ରାମରେ ପହଞ୍ଚିବା ସମୟରେ ଏକ ପିକଅପ ଭ୍ୟାନ ଗୋରୁ ନେଇଥିବା ବ୍ୟକ୍ତିଙ୍କ ଉପରେ ଦ୍ରୁତ ଗତିରେ ମାଡି ଆସିଥିଲା । ଧକ୍କା ଦେବା ଫଳରେ ଶିବାନଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଶମ୍ଭୁ ବିନ୍ଧାଣି ଆହତ ହୋଇଥିବା ଜଣାପଡ଼ିଛି ।

## ସାମ୍ବାଦିକ ପରିବାର ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା



ବାରିପଦା, ୨୦।୩(ସମିସ): ସମ୍ବାଦର ଜିଲ୍ଲା ପ୍ରତିନିଧି ଶ୍ରୀକାନ୍ତ ସାହୁଙ୍କୁ ବାରିପଦା କାର୍ଯ୍ୟରତ ସାମ୍ବାଦିକ ପରିବାର ସଦସ୍ୟ ତରଫରୁ ସ୍ଥାନୀୟ ଦାରଗାଡାହିସ୍ଥ ହୋଟେଲ ଆଲେକ୍ସୋ ସମ୍ମଳନି କକ୍ଷରେ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସେ ଜିଲ୍ଲା ମୁଖ୍ୟାଳୟ ବାରିପଦାରେ ୨୦୨୪ ଅଗଷ୍ଟ ୧ ତାରିଖରେ କାର୍ଯ୍ୟରେ ଯୋଗଦାନ କରି ୨୦୨୬ ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ସଫଳତାର ସହ କାର୍ଯ୍ୟରତ ଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁଣ୍ଡୁୟା ଅତିଥି ଭାବେ ଯୋଗଦେଇ କର୍ମ ହିଁ ମଣିଷର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ ବୋଲି କହିଥିଲେ। ସାମ୍ବାଦିକ ଦୀପକ କୁମାର ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ସାମ୍ବାଦିକ ଅଭିଜିତ ମହାନ୍ତି, ରଞ୍ଜନ ଦାଶ, ମନୋଜ କୁମାର ପଣ୍ଡା, ନୀଳାଦ୍ରୀ ବିହାରୀ ଦଣ୍ଡପାଟ, ପ୍ରୟୋଗରାଜ କର, ସୁକାନ୍ତ ସାହୁ, ତରୁଣ କୁମାର ଦାଶ ଦୋଳଗୋବିନ୍ଦ ବାରିକ, ମାନସ ବେହେରା, ପ୍ରିୟବ୍ରତ ମିଶ୍ର, ରୁପମ ସ୍ୱାଇଁ, ବିଶ୍ୱଜିତ ଭୂୟାଁ, ତପନ ଦାସ, ଦିଲ୍ଲୀପ ପାତ୍ର, ପ୍ରଦୀପ୍ତ ହୋତା, କ୍ୟାମେରା ପର୍ସନ ହରେକୃଷ୍ଣ ପାତ୍ର ଓ ଲଳିତ ବାରିକ ପ୍ରମୁଖ ଯୋଗଦେଇ ତାଙ୍କୁ ସମ୍ବର୍ଦ୍ଧନା ପତ୍ର, ଉତ୍ତରୀୟ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ ।

## ତୃଣମୂଳ ସ୍ତରରେ ସାଂଗଠନିକ ନେତୃତ୍ୱର ବିକାଶ ଶୀର୍ଷକ ସମ୍ମିଳନୀ




ତୁରୁମୁଙ୍ଗା, ୨୦।୩(ସମିସ): ସେଣ୍ଟର ଫର ୟୁଥ ଏଣ୍ଡ ସୋସିଆଲ ଡେଭଲପମେଣ୍ଟ (ସିୱାଇଏସଡି)ର ୪୪ତମ ସ୍ଥାପନା ଦିବସ ଅବସରରେ 'ତୃଣମୂଳ ସ୍ତରରେ ସଂଗଠନ ନେତୃତ୍ୱର ବିକାଶ' ଶୀର୍ଷକରେ ଉତ୍ତରାଞ୍ଚଳ କ୍ଷେତ୍ରୀୟ ସମ୍ମିଳନୀ ଶୁକ୍ରବାର କପୁଣ୍ଡି ଆଞ୍ଚଳିକ ଜୀବନ ଜୀବିକା ତାଲିମ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀରେ ପ୍ରାୟ ୨୦୦ ଜଣ ପଞ୍ଚାୟତିରାଜ ପ୍ରତିନିଧି, ଗ୍ରାମମିତ୍ର, ଗୋଷ୍ଠୀ ଆଧାରିତ ସଂଗଠନ ଓ ସ୍ୱୟଂସହାୟକ ଗୋଷ୍ଠୀ ନେତା, ଯୁବ ନେତା ଏବଂ ସାମାଜିକ ସଂଗଠନ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ୩୦ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଚମ୍ପାବତୀ ଟୁଡୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସି.ୱାଇ.ଏସ.ଡିର ୪୪ ବର୍ଷର ସମୁଦାୟ ଉନ୍ନୟନ ଯାତ୍ରା, ତୃଣମୂଳ ସ୍ତରର ସମସ୍ୟା, ସୁଯୋଗ ଓ ଅଭିଜ୍ଞତା ବିନିମୟ ହୋଇଥିଲା। ଗୋଷ୍ଠୀ ଆଲୋଚନା ମାଧ୍ୟମରେ ଭବିଷ୍ୟତ ଉନ୍ନୟନ ଯୋଜନା ଉପରେ ଚର୍ଚ୍ଚା ସହ ଉତ୍କୃଷ୍ଟ କାର୍ଯ୍ୟ କରୁଥିବା ମହିଳା ଓ ଯୁବ ନେତାମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମଟି କ୍ଷେତ୍ରୀୟ ସଂଯୋଜକ ଶୁଭମ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଆକାଶ ମହାନ୍ତ, ପ୍ରେମାନନ୍ଦ ମହାନ୍ତି, ଭାରତୀ ମହାପାତ୍ର ଏବଂ ସମସ୍ତ ପ୍ରକଳ୍ପର ପ୍ରକଳ୍ପ କର୍ମୀ ସହଯୋଗ କରିଥିଲେ।

# ଲଙ୍ଗାଲୋଟା ଖଣିର ଗ୍ରାମସଭାକୁ ପୂର୍ଣ୍ଣ ସମର୍ଥନ

ଯୋଡ଼ା,୨୦।୩ (ସମିସ)

କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ ଜିଲିଙ୍ଗ ଲଙ୍ଗାଲୋଟା ଖଣିର ଗ୍ରାମସଭାକୁ ସ୍ଥାନୀୟ ଜଳହରୀ ଗ୍ରାମର ଗ୍ରାମବାସୀ ପୂର୍ଣ୍ଣ ସମର୍ଥନ କରିଥିବା ଖବର ହସ୍ତଗତ ହୋଇଛି। ଓଡ଼ିଶା ଖଣି ନିଗମ (ଓଏମସି)ର ଜିଲିଙ୍ଗ ଲଙ୍ଗାଲୋଟା ଖଣିର ଜଙ୍ଗଲ ଜମିକୁ ଅଣଜଙ୍ଗଲରେ ପରିବର୍ତ୍ତନ କରିବା ନେଇ ଏହି ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଜଳହରୀ ଗ୍ରାମର ୫ରୁ ୧୧ ନମ୍ବର ୱାର୍ଡର ୱାର୍ଡବାସୀ ଉପସ୍ଥିତ ଥିଲେ। ଯୋଡ଼ା ପଞ୍ଚାୟତସମିତି କାର୍ଯ୍ୟାଳୟ ପତ୍ରସଂଖ୍ୟା ୧୩୩୩/୨୧.୦୬.୨୦୨୪ ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ପ୍ରକଳ୍ପ ପ୍ରଶାସକ କେନ୍ଦୁଝରଙ୍କ ପତ୍ରସଂଖ୍ୟା-୮୯୫/




୨୪,୦୬.୨୦୨୨ ଅନୁଯାୟୀ, ଓଡ଼ିଶା ଖଣି ନିଗମର ଜୁରୁଡି ଗ୍ରାମର ୧୦.୧୮୦ ହେକ୍ଟର ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଜମିରେ ପରିବର୍ତ୍ତନ ଉଦ୍ଦେଶ୍ୟରେ ବ୍ୟବହାର କରିବା ଏବଂ ଖଣି ଖନନ କାର୍ଯ୍ୟ କରିବା ପାଇଁ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପାରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତ) ନିୟମ ୨୦୦୬ ଏବଂ ସଂଶୋଧନ ନିୟମ ୨୦୧୨ ପ୍ରକାରେ ପ୍ରମାଣପତ୍ର ପ୍ରାପ୍ତି ନିମନ୍ତେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବଡବିଲ ଅତିରିକ୍ତ ତହସିଲଦାର ଭୁବନାନନ୍ଦ ନାୟକ, ଯୋଡ଼ା ବ୍ଲକ୍ ମଙ୍ଗଳ ସଂପ୍ରସାରଣ ଅଧିକାରି ସ୍ୱରୂପରାଜ ସାମଲ, ଜଳହରୀ ସରପଞ୍ଚ ନରେନ୍ଦ୍ର ମୁଣ୍ଡା, ବନରକ୍ଷୀ ଦେବାଶିଷ ମହାପାତ୍ର, ଜଳହରୀ ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଉତ୍କଳ କେଶରୀ ଦାସ, ଜଙ୍ଗଲ ଅଧିକାର କମିଟି ସଭାପତି ସନାତନ ମୁଣ୍ଡା, ଜଙ୍ଗଲ ଅଧିକାର କମିଟି ସମ୍ପାଦକ ମାଙ୍ଗଡାଲି ମୁଣ୍ଡା, ୱାର୍ଡସଭ୍ୟ ବିନୋଦିନୀ ପାତ୍ର, ସାମ ମୁଣ୍ଡା, ଗଣେଶ ଗାଗରାଇ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଗ୍ରାମସଭାରେ, ବିଶେଷ କରି ସ୍ଥାନୀୟ ଅଞ୍ଚଳର ଲାଗି ରହିଥିବା ବିଭିନ୍ନ ମୌଳିକ ସମସ୍ୟା ଉପରେ ଆଲୋଚନା କରିବା ସହିତ ଏହି ଦାବି ଉପରେ ଗୁରୁତ୍ୱ ପ୍ରଦାନ ପାଇଁ ନିବେଦନ କରାଯାଇଥିଲା।

### କଂଗ୍ରେସ ଆଦିବାସୀ ପରାମର୍ଶ ପରିଷଦ ବୈଠକ

## ଯୋଗଦେଲେ ଜିଲ୍ଲାର ଆଦିବାସୀ ନେତା

ରାଇରଙ୍ଗପୁର,୨୦।୩(ସମିସ): ଅଖିଳ ଭାରତୀୟ ଆଦିବାସୀ କଂଗ୍ରେସର ପ୍ରଥମ ଜାତୀୟ ପରାମର୍ଶଦାତା ପରିଷଦର ଦୁଇଦିନିଆ ବୈଠକ ନୂଆଦିଲ୍ଲୀସ୍ଥ କଂଗ୍ରେସ ମୁଖ୍ୟାଳୟ ଇନ୍ଦିରା ଭବନରେ ଆୟୋଜିତ ହୋଇଛି । ଜାତୀୟ ଅଧ୍ୟକ୍ଷ ଡଃ ବିକ୍ରାନ୍ତ ଭୁରିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କଂଗ୍ରେସ ଜାତୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ଲୋକସଭାରେ ବିପକ୍ଷ ନେତା ରାହୁଲ ଗାନ୍ଧୀ ଓ କଂଗ୍ରେସର ଜାତୀୟ ସଂଗଠନ ମହାସଚିବ କେସି ୱେଣୁଗୋପାଳ ପ୍ରମୁଖ ଯୋଗ ଦେଇଛନ୍ତି। ଅଲ୍ ଇଣ୍ଡିଆ ଆଦିବାସୀ କଂଗ୍ରେସ କମିଟିର ଜାତୀୟ କାର୍ଯ୍ୟାଳୟ ସଦସ୍ୟ ତଥା ରାଇରଙ୍ଗପୁର ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ଯୋଗ ଦେଇଛନ୍ତି । ଏ ଅବସରରେ ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା ବରିଷ୍ଠ ଆଦିବାସୀ ନେତା ଓ ପରିଷଦ ସଦସ୍ୟଙ୍କ ମତାମତ ଶୁଣିଥିଲେ । ଆଦିବାସୀ ସମାଜର ଜଳ, ଜଙ୍ଗଲ ଓ ଜମିର ଅଧିକାର, ନ୍ୟାୟ ଓ ସେମାନଙ୍କର ବିଶିଷ୍ଟ ପରିଚୟର ସୁରକ୍ଷା ପାଇଁ ସଂକଳ୍ପ ପୁନରୁଚ୍ଚାର କରିଥିଲେ। ଦେଶର ବିଭିନ୍ନ ରାଜ୍ୟରୁ ପ୍ରତିନିଧି ଯୋଗଦେଇ ବିସ୍ଥାପନ




ନୀତି ଓ ଭୂମି ଅଧିଗ୍ରହଣ, ଡିଲିମିଟେସନ, ଜନଗଣନାରେ ଅଲଗା ଆଦିବାସୀ କୋଡ, ଭୂମି-ଡିଜିଟାଲାଇଜେସନ, ଜାତି ସର୍ଟିଫିକେଟ, ସ୍ୱାସ୍ଥ୍ୟ ଓ ଶିକ୍ଷା ଏବଂ ପରିବେଶ ସୁରକ୍ଷା ନୀତି ଭଳି ବିଷୟରେ ଆଲୋଚନା କରିଥିଲେ । ଏଥିରେ ଶ୍ରୀ ପୂର୍ତ୍ତିଙ୍କୁ ମଧ୍ୟ ସ୍ଥାନ ପ୍ରଦାନ କରାଯାଇଥିଲା ।

